visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.260, Bhubaneswar Wednesday, November 27, 2019 | ୨୨ତମ ବର୍ଷ ସଂଖ୍ୟା–୨୬୦ ଭୁବନେଶ୍ୱର , ବୁଧବାର, ନଭେମ୍ବର ୨୭, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


# ବିଧାନସଭାରେ ସମ୍ବିଧାନ ଦିବସ ପାଳିତ

## ସମ୍ବିଧାନକୁ କାୟମନୋବାକ୍ୟରେ ପାଳନ କରିବାକୁ ଶପଥ ନେବା ଉଚିତ୍ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୬।୧୧(ପିଏନ):ବିଧାନସଭା ସମ୍ମିଳନୀ କକ୍ଷରେ ମଙ୍ଗଳବାର ସମ୍ବିଧାନ ଦିବସ-୨୦୧୯ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଲେ ଯେ ଆଜି ଏକ ଐତିହାସିକ ଦିବସ । ଆଜିର ଦିନରେ ୧୯୪୯ ମସିହାରେ ଭାରତୀୟ ସମ୍ବିଧାନକୁ ସମ୍ବିଧାନ ସଭା ଦ୍ୱାରା ଗ୍ରହଣ କରାଯାଇଥିଲା । ଭାରତୀୟ ସମ୍ବିଧାନର ପ୍ରଖ୍ୟାତ ମାର୍କିନ୍ ବିଶେଷଜ୍ଞ ପ୍ରଫେସର ଗ୍ରାନେଭିଲ୍ ଅଷ୍ଟିନ୍ କହିଥିଲେ ଯେ ୧୭୭୭ର ଫିଲାଡେଲ୍‌ଫିଆ ଚୁକ୍ତି ପରେ ଭାରତୀୟ ସମ୍ବିଧାନ ପ୍ରଣୟନ ବିଶ୍ୱରେ ଏକ ପ୍ରମୁଖ ଘଟଣା । ଜନତାଙ୍କ ମୌଳିକ ଓ ଦେୱାନୀ ଅଧିକାରକୁ କ୍ଷୁର୍ଣ୍ଣ ନକରି ଦୀର୍ଘ ୭ ଦଶନ୍ଧି ଧରି ଭାରତୀୟ ସମ୍ବିଧାନ ସଫଳତାର ସହିତ ଦେଶର ସାମାଜିକ, ଅର୍ଥନୈତିକ, ଶିକ୍ଷା, ବିଜ୍ଞାନ ସମ୍ବନ୍ଧୀୟ ପ୍ରଗତିରେ ସହାୟକ ହୋଇପାରିଛି । ଏହି ସମ୍ବିଧାନ ପ୍ରଣେତାଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି । ସେ ଆହୁରି କହିଲେ ଯେ, ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବାକୁ ମୁଁ ପ୍ରସ୍ତାବ ଦେଇଥିଲି, ଯାହା ଜାତିର ଜନକଙ୍କ ପ୍ରତି ଏକ ପ୍ରକୃଷ୍ଟ ଶ୍ରଦ୍ଧାଞ୍ଜଳି ହେବ । ସମ୍ବିଧାନକୁ କାୟମନୋବାକ୍ୟରେ ପାଳନ କରିବାକୁ ପ୍ରତ୍ୟେକ ଭାରତୀୟ ଶପଥ ନେବା ବାଞ୍ଛନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିରେ ଅଧ୍ୟକ୍ଷତା କରି ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର କହିଲେ ଯେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଏହାକୁ ସମ୍ବିଧାନ ସଭା ଦ୍ୱାରା ଗ୍ରହଣ କରାଯାଇଥିଲା । ଇଂରେଜମାନଙ୍କୁ ଦେଶରୁ ବିତାଡ଼ିତ କରିବା ପାଇଁ ଜାତିର ଜନକ ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ପୂର୍ବରୁ ଅନେକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେ ସାରା ଭାରତ ଭ୍ରମଣ କରି ଦାରିଦ୍ର୍ୟର ଚିତ୍ର ସ୍ୱଚକ୍ଷୁରେ ଦେଖିଲେ । ବିନା ଯୁଦ୍ଧରେ ଭାରତ ୧୯୪୭ ମସିହାରେ ସ୍ୱାଧୀନତା ହାସଲ କଲା । ଏହା ଇତିହାସର ସବୁଠାରୁ ଅବିଶ୍ୱସନୀୟ ବିଷୟ । ଭାରତରତ୍ନ ଡ. ବି. ଆର୍. ଆମ୍ବେଦକର ଥିଲେ ଗଣତନ୍ତ୍ରର ସପକ୍ଷବାଦୀ । ତାଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣୟନ ସଭା ଗଠିତ ହୋଇ ସମ୍ବିଧାନକୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯାଇଥିଲା । ଭାରତର ସମ୍ବିଧାନରେ ଜନମଙ୍ଗଳକାରୀ, ନାଗରିକ ହିତକାରୀ ପ୍ରାବଧାନ ସହିତ ଜନସାଧାରଣଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟକୁ ସନ୍ନିବେଶିତ କରାଯାଇଛି । ଐକ୍ୟ ଓ ସାର୍ବଭୌମତ୍ୱର ସୁରକ୍ଷାକୁ ସୁନିଶ୍ଚିତ କରାଯାଇଛି । ଗଣତନ୍ତ୍ର ଓ ସମ୍ବିଧାନକୁ ରକ୍ଷା କରିବାକୁ ବାଚସ୍ପତି ଡ. ପାତ୍ର ଆହ୍ୱାନ ଦେଇଥିଲେ । ଏହି ଅବସରରେ ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ, ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ, କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର, ସିପିଆଇ (ଏମ୍) ବିଧାୟକ ଦଳ ନେତା ଶ୍ରୀ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ସମ୍ବିଧାନ ଦିବସ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସରକାରୀ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ମନ୍ତ୍ରୀ ପରିଷଦର ସଦସ୍ୟଗଣ, ବିଧାୟକବିଧାୟିକା, ମୁଖ୍ୟ ଶାସନ ସଚିବ ଓ ଶାସନ ସଚିବଗଣ, ସରକାରୀ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

ଭଦ୍ରକ, ୨୬।୧୧(ପି.ଏନ): ଏହି ଜିଲାର ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ଘଣ୍ଟେଶ୍ୱରରେ ବହୁ ଅପରାଧ ଜନିତ ମକଦ୍ଦମାରେ ସଂପୃକ୍ତ ଥିବା ଅପରାଧୀ ମିଥୁନ ଓରଫ ବଙ୍ଗାଳିକୁ ଗିରଫ କରିଛି ବାଂଶଡା ଥାନା ପୁଲିସ୍ । ଏଠାରେ ସୂଚନାଯୋଗ୍ୟ ବିଜେଡି ସଭାପତିଙ୍କୁ ଆକ୍ରମଣ କରିବା ଠାରୁ ଆରମ୍ଭ କରି ଘଂଟେଶ୍ୱର ଫାଣ୍ଡିରେ ପଶି କନେଷ୍ଟବଳଙ୍କୁ ମାରିବା, ସାମ୍ବାଦିକଙ୍କୁ ଭୁଜାଲି ଧରି ଗୋଡାଇବା ଓ ଜନସାଧାରଣଙ୍କୁ ଧମକ ଦେଇ ଟଙ୍କା ଆଦାୟ କରିବା ଭଳି ବହୁ ଅଭିଯୋଗ ତା ନାମରେ ରହିଥିଲା । ବାଂଶଡା ପୁଲିସ୍ ଆଜି ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡିଛି ।

### ପିକଅପ୍ ଭ୍ୟାନ୍ ଧକ୍କାରେ ଯୁବକ ମୃତ

ଗଞ୍ଜାମ, ୨୬।୧୧(ପି.ଏନ): ଗତକାଲି ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ବଡ଼ଚଡ଼ିଆପଡ଼ା ଗ୍ରାମ ନିକଟରେ ପିକଅପ୍ ଭ୍ୟାନ୍ ନଂ ଓଡ଼ି୦୭ଜି-୩୬୨୨ ଧକ୍କାରେ କବିସୂର୍ଯ୍ୟନଗର ତେଲିସାହିର ରଘୁନାଥ ମହାନ୍ତି ନାମକ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ଗାଡିର ଡ୍ରାଇଭର ସେଠାରୁ ଫେରାର୍ ହୋଇଯାଇଛି ।

## ରାଜ୍ୟରେ ବଢ଼ିଚାଲିଛି ମହିଳା ଓ ନାବାଳିକା ଦୁଷ୍କର୍ମ

ଭୁବନେଶ୍ୱର,୨୬।୧୧(ପି.ଏନ): ରାଜ୍ୟରେ ମହିଳା ଓ ନାବାଳିକାଙ୍କ ସହ ଦୁଷ୍କର୍ମ ବଢ଼ିବାରେ ଲାଗିଛି । ରାଜ୍ୟରେ ଚାଲିଛି ଫାଶିବାଦୀ ସରକାର । ଚଳିତବର୍ଷ ପ୍ରଥମ ୬ ମାସ ଭିତରେ ୧୧୪୯ ମହିଳାଙ୍କ ମଧ୍ୟରୁ ୬୦୪ଟି ନାବାଳିକାଙ୍କ ସହ ଦୁଷ୍କର୍ମ ହୋଇଛି ହୋଇଛି । ଗତକାଲି ବିଧାନସଭାରେ ଖୋଦ୍ ଗୃହ ରାଷ୍ଟ୍ରମନ୍ତ୍ରୀ ଏହାକୁ ସ୍ୱୀକାର କରିଛନ୍ତି । ଗତକାଲି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକତନ୍ତୋଇ ଗାଁରେ ରହୁଥିବା ଜଣେ ଦଳୀତ ନାବାଳିକା ସହ ଦୁଷ୍କର୍ମ ହେବା ପରେ ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ସେହିପରି ବହୁଚର୍ଚ୍ଚିତ ସ୍ମିତାରାଣୀ ହତ୍ୟାକାଣ୍ଡ ଭଳି ଘଟଣା ପରେ ବି ରାଜ୍ୟସରକାର ନା ବିଧାନସଭା ଭିତରେ ନା ବାହାରେ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିବାକୁ ପ୍ରସ୍ତୁତ ଅଛନ୍ତି । ଏପରିକି ଗଣତନ୍ତ୍ରର ମନ୍ଦିର ବିଧାନସଭା ଭିତରେ ସ୍ମିତାରାଣୀ ଦୁଷ୍କର୍ମ ଏବଂ ହତ୍ୟା ମାମଲା ପ୍ରସଙ୍ଗରେ ଶାସକ ଦଳ କୌଣସି ଆଲୋଚନା କରାଇନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟ ସରକାର ମହିଳା ମାନଙ୍କୁ ସୁରକ୍ଷା ଯୋଗାଇବାରେ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି ବୋଲି ରାଜ୍ୟ ବିଜେପି ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଛନ୍ତି ଯେ, ଗୃହ ବିଭାଗର ମୁଖିଆ ମୁଖ୍ୟମନ୍ତ୍ରୀ ଯାହାଙ୍କର ମୌଳିକ ଦାୟିତ୍ୱ ମହିଳାଙ୍କୁ ସୁରକ୍ଷା ଦେବା ସେ ଓଲଟା ବିଧାନସଭାରେ କହୁଛନ୍ତି କି ମହିଳା ଦୁଷ୍କର୍ମ ଉପରେ ବିରୋଧୀ ରାଜନୀତିକରଣ ବନ୍ଦ କରନ୍ତୁ । ଯିଏ ମହିଳାମାନଙ୍କ ସମ୍ମାନ, ସୁରକ୍ଷା ଏବଂ ପ୍ରତିଷ୍ଠା ପାଇଁ ଲଢୁଛନ୍ତି ସେ ରାଜନୀତି କରୁଛନ୍ତି ନା ଯେଉଁମାନେ କ୍ରମାଗତ ଭାବେ ବଢୁଥିବା ମହିଳା ଦୁଷ୍କର୍ମକୁ ଅଣଦେଖା କରି ଦୁବୃତ୍ତଙ୍କୁ ସୁରକ୍ଷା ଦେଉଛନ୍ତି ସେମାନେ ରାଜନୀତି କରୁଛନ୍ତି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି । ଓଡିଶାରେ ପୋଲିସ ଏବଂ ଗୃହ ବିଭାଗ ଉଭୟ ମହିଳାଙ୍କୁ ବଳି ପକାଇ ବିଜୁ ଜନତା ଦଳକୁ ସୁରକ୍ଷା ଦେଉଛନ୍ତି । ଅନେକ ସମୟରେ ଥାନା ଅଧିକାରୀମାନେ ଏତଲା ରଖୁ ନାହାଁନ୍ତି । ସେହିପରି ଅନେକ ସ୍ଥାନରେ ବିଜେଡିର ପ୍ରଭାବଶାଳୀ ନେତାଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ କାର୍ଯ୍ୟ କରୁଛି । ସ୍ମିତାରାଣୀ ଘଟଣାରେ ତଦନ୍ତକୁ ବାଟବଣା କରିବା ପାଇଁ ପୋଲିସ ପ୍ରଶାସନ ତଥ୍ୟ ପ୍ରମାଣ ନଷ୍ଟ କରିଛି । ଏହି ଘଟଣାରେ ବିଜେଡିର ପ୍ରଭବଶାଳୀ ନେତା, ବିଧାୟକ, ମନ୍ତ୍ରୀ , ରାମକୋ ଅଧିକାରୀଙ୍କ ସହ ତୃତୀୟ ମହଲାର ଲିଙ୍କ ଥିବା ଯୋଗୁଁ ଶାସକ ଦଳ ନିର୍ଦ୍ଦେଶରେ ପୋଲିସ ତଥ୍ୟ ପ୍ରମାଣ ନଷ୍ଟ କରିଛି । ଅପରପକ୍ଷରେ ସ୍ମିତାରାଣୀ ତଦନ୍ତକୁ ଦିଗହରା କରିବା ପାଇଁ ପୋଲିସ ଡିଜି ବିକେ ଶର୍ମାଙ୍କୁ ହଟାଯାଇଛି ବୋଲି ଡ. ସାମନ୍ତସିଂହାର କହିଛନ୍ତି । ଯିଏ ବିଜେଡିର କ୍ଷମତାର ବାଟରେ ଆସିବ ତାଙ୍କୁ ରାସ୍ତରୁ ହଟେଇବା ପାଇଁ ସବୁ ପ୍ରକାର ଅପଉଦ୍ୟମ ରାଜ୍ୟ ସରକାର କରୁଛନ୍ତି । ଏଥି ପାଇଁ ଯେତେ ମହିଳା ନାବାଳିକା ବଳି ପଡନ୍ତୁ ପଛେ କିନ୍ତୁ ସରକାରଙ୍କ ନିର୍ମଳ ଭାବମୂର୍ତ୍ତି ବଜାୟ ରଖିବା ପାଇଁ ବିଜେଡିର ବଡପଣ୍ଡାମାନେ ଉଦ୍ୟମ ଚଳାଇଛନ୍ତି । ଦିନକୁ ୭ ଜଣ ନାବାଳିକା ଦୁଷ୍କର୍ମରେ ଶିକାର ହେଉଥିବାବେଳେ ବିଜେଡିର ମୁଖପାତ୍ରମାନେ 'ସବୁ ଠିକ ଚାଲିଛି ବୋଲି କହୁଛନ୍ତି । ସରକାର ଦୁଷ୍କର୍ମ ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ଅନକେ ଫାଷ୍ଟ ଟ୍ରାକ କୋର୍ଟ ବସାଇଛନ୍ତି କିନ୍ତୁ ଅପରପକ୍ଷେ ଦୁଷ୍କର୍ମ କରିଥିବା ଅଭିଯୁକ୍ତମାନଙ୍କୁ ଶାସକ ଦଳର ନେତା ସୁରକ୍ଷା ଦେଇଚାଲିଛନ୍ତି । ଅନେକ ସ୍ଥାନରେ ଶାସକ ଦଳ ଚାପ ପକାଇ ଦୁଷ୍କର୍ମ ପୀଡିତାଙ୍କୁ ଭୟ ଦେଖାଇ , ଧମକ ଦେଇ ଏତଲା ଫେରାଇ ଆଣିବାକୁ ବାଧ୍ୟ କରୁଛନ୍ତି । ଅନେକ ଘଟଣାରେ ଦୁଷ୍କର୍ମ ପୀଡିତା ନ୍ୟାୟ ନପାଇ ଆତ୍ମହତ୍ୟା କରୁଛନ୍ତି । ଏପରି ଆଉ କେତେଦିନ ଚାଲିବ ଏବଂ ମହିଳାଙ୍କ ସୁରକ୍ଷା ପାଇଁ ରାଜ୍ୟସରକାର କଠୋର ଆଇନ ଆଣିବାରେ କାହିଁକି ପଛଘୁଂଚା ଦେଉଛନ୍ତି ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି ।

# ବୌଦ୍ଧରେ କୃଷି ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

ବୌଦ୍ଧ, ୨୬।୧୧(ପି.ଏନ): ଇନପୁଟ ସବ୍‌ସିଡିର୧୦ କୋଟି ବ୍ୟାଙ୍କରେ ରଖିଦେଇ ଜିଲା ପ୍ରଶାସନ ଚୁପ ହୋଇ ବସିଥିବା ବେଳେ ବ୍ୟାଙ୍କ ସୁଧ ପଇସା ଅଧିକାରୀମାନେ ହଡପ କରୁଥିବା ନେଇ ଗୁରୁତର ଅଭିଯୋଗ କରିବା ସହିତ ଚାଷୀ ସଂଗଠନ ବୀମା ଓ ଇନପୁଟ ସବ୍‌ସିଡି ଟଂକା ପାଇଁ ଆଜି କୃଷି କାର୍ଯ୍ୟାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଥିଲେ ଶହଶହ ଚାଷୀ । ବୌଦ୍ଧ ଜିଲାରେ ନିଜର ହକ ପାଇବା ପାଇଁ ଚାଷୀ ରଣହୁଙ୍କାର ଦେବାସହ ତୁରନ୍ତ ବୀମା ଓ ଇନପୁଟ ସବ୍‌ସିଡି ଟଂକା ଦିଆନଗଗଲେ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛି ସଂଗଠନ । ବୌଦ୍ଧ ଜିଲା ଏକ କୃଷିପ୍ରଧାନ ଜିଲା ଅଟେ । କିନ୍ତୁ ଜିଲାର ଚାଷୀ ବିଭିନ୍ନ ସମସ୍ୟାରେ ରହୁଅଛି । ପ୍ରତିବର୍ଷ ସ୍ୱଳ୍ପ ବର୍ଷା , ବନ୍ୟା,ମରୁଡି ଓ ରୋଗପୋକରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବାବେଳେ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉନାହିଁ । ଏନେଇ ବୌଦ୍ଧ ଜିଲା ଭାରତୀୟ କିଷାନ ସଂଘ ପକ୍ଷରୁ ମଙ୍ଗଳବାର ଦିନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଅନଶନରେ ବସିଥିଲେ । ମଙ୍ଗଳବାର ଦିନ କିସାନ ସଂଘର ସଭାପତି ପ୍ରମୋଦ କୁମାର ଦେହୁରୀ ଓ ଚାଷୀନେତା ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଚାଷୀ ସାମିଲ ହୋଇ କୃଷି କାର୍ଯ୍ୟାଳୟ ଘେରାଓ କରିବା ସହ ଅନଶନରେ ବସିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାର ୮୦୦୦ ଚାଷୀ ବୀମା ଟଙ୍କା ପାଇଁ ଆବେଦନ କରିଥିଲେ ମଧ୍ୟ ଚାଷୀ ପାଇପାରିନାହାନ୍ତି । ଆହୁରୀ ମଧ୍ୟ ଜିଲାର ଚାଷୀଙ୍କୁ ଏବର୍ଷ ଠିକ ଭାବେ ୟୁରିଆ ସାର ମିଳିପାରିନାହିଁ । ଚାଷୀ ମାନେ କଳାବଜାରରେ ୫୦୦ ଟଙ୍କା ଦରରେ କଣିବାକୁ ବାଧ୍ୟ ହୋଇଥିଲେ । କୁଆଡେ ସାର ବେପାରି ମାନେ ବଲାଙ୍ଗିର ଓ ବରଗଡ ରେକ ପଏଂଟରୁ ଆଣୁଥିବା ଯୋଗୁଁ ଅଧିକ ଖର୍ଚ୍ଚାନ୍ତ ହେଉଅଛନ୍ତି । ଏଣୁ ଚାଷୀଙ୍କୁ ସୁବିଧାରେ ସାର ପାଇବା ପାଇଁ ରେଢାଖୋଲ ଠାରେ ରେକ ପଏଂଟ ନିର୍ମାଣ କରାଗଲେ ଖାଲି ଯେ ବୌଦ୍ଧ ଜିଲାର ଚାଷୀ ଉପକୃତ ହେବେ ନାହିଁ ଫୁଲବାଣୀ, ସୋନପୁର , ଓ ଅନୁଗୋଳ ଜିଲାର ଚାଷୀ ଉପକୃତ ହେବେ । ଏହା ସହ ଗତ ବର୍ଷର ପାଥେଇ ବାତ୍ୟାରେ ଜିଲାର ଧଳପୁର, ସମ୍ପୋଚ, ରାମଗଡ ଓ ତିଲେଶ୍ୱର ପଂଚାୟତରେ ବ୍ୟାପକ କ୍ଷତି ହୋଇଥିଲେ ମଧ୍ୟ ସେମାନଙ୍କ କ୍ଷୟକ୍ଷତି ନେଇ କୌଣସି ରିପୋର୍ଟ କରାଯାଇନାହିଁ । ଏଣୁ ତୁରନ୍ତ ବୀମା ଓ ବାତ୍ୟା କ୍ଷତି ପ୍ରଦାନ କରିବା ଦାବୀ କରିଥିଲେ । ପରେ ଚାଷୀ ମାନେ ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ତୁରନ୍ତ ପଦକ୍ଷେପ ନେବାକୁ ଏକ ଦାବୀ ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। । ଏଥିରେ ଚାଷୀ ନେତା ବିଶିକେସନ ପ୍ରଧାନ , ଜନ୍ମେଜୟ ପ୍ରଧାନଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଚାଷୀ ସାମିଲ ଥିଲେ । ଚାଷୀମାନଙ୍କ ପ୍ରମୁଖ ଦାବି ମଧ୍ୟରେ ୨୦୧୧ ଓ ୨୦୧୩ ମସିହାରେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଆସିଥିବା ଅନୁଦାନକୁ ଫେରାଇ ଦିଆଯାଇଥିବାବେଳେ ୨୦୧୫ ଓ ୧୭ ମସିହାରେ କ୍ଷତିପୂରଣ ପ୍ରଦାନ ପାଇଁ ଆସିଥିବା ଅର୍ଥକୁ ଫେରାଇବାକୁ ମସୁଧା ଚାଲିଥିବାରୁ ଏହାକୁ ତୁରନ୍ତ ଚାଷୀମାନଙ୍କୁ ପ୍ରଦାନ ପାଇଁ ଦାବି କରାଯାଇଥିଲା । ସେହିପରି ୨୦୧୮ ମସିହାରେ ପ୍ରାକୃତିକ ବିପର୍ଯ୍ୟୟ ପେଥାଇ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କ ସଠିକ ଆକଳନ କରାନଯାଇ କର୍ମଚାରୀମାନେ ଘରେ ବସି ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରିଥିବାରୁ ଉପଯୁକ୍ତ ଚାଷୀମାନେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବାର ସମ୍ଭାବନା ଦେଖାଦେଇଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଦାନ ପାଇଁ ସରକାର ପ୍ରାୟ ୧୩ କୋଟି ଟଙ୍କା ମଞ୍ଜୁର କରିଥିଲାବେଳେ ୨ମାସ ତଳେ ଚାଷୀ ଆନ୍ଦୋଳନ ପରେ ୩ ଟି ରାଜସ୍ୱ ମଣ୍ଡଳର ଚାଷୀଙ୍କୁ କ୍ଷତି ପୁରଣ ବଂଟନ କରାଯାଇ ଅନ୍ୟମାନଙ୍କୁ ଏଯାଏଁ କୌଣସି କ୍ଷତିପୂରଣ ପ୍ରଦାନ କରାଯାଇନାହିଁ । ତେଣୁ ତୁରନ୍ତ କ୍ଷତିପୂରଣ ଅର୍ଥ ଚାଷୀମାନଙ୍କୁ ପ୍ରଦାନ କରାଯିବାକୁ ଦାବି କରାଯାଇଥିଲା । ଜିଲା ଗରିବ ଚାଷୀ ପରିବାରମାନେ ପ୍ରତିବର୍ଷ କ୍ଷତିର ଶିକାର ହେଉଥିବା ବେଳେ ସରକାର ସେମାନଙ୍କ ସମସ୍ୟାର ସମାଧାନ କରିବା ଦିଗରେ ଅବହେଳା ପ୍ରଦର୍ଶନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କିଷାନ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ମହାରାଷ୍ଟ୍ରରେ ଆରମ୍ଭ ହେବ ଉଦ୍ଧବ ରାଜ୍

ମୁମ୍ବାଇ, ୨୬।୧୧(ପି.ଏନ): ମହାରାଷ୍ଟ୍ର ରାଜନୀତିକୁ ନେଇ ଚାଲିଥିବା ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ମହାରାଷ୍ଟ୍ରରୁ ବିଜେପି ମେଂଟ ସରକାର ହଟିଛି । ଶିବସେନା,ଏନସିପି ଏବଂ କଂଗ୍ରେସ ମିଳିତ ଭାବେ ସରକାରକୁ ଆସିଛନ୍ତି ।ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଆସନ୍ତା ୧ ଡିସେମ୍ବରରେ ଶିବାଜୀ ପାର୍କରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ମଙ୍ଗଳବାର ଶିବସେନା,ଏନସିପି ଏବଂ କଂଗ୍ରେସର ମିଳିତ ବିଧାୟକ ଦଳ ବୈଠକରେ ଉଦ୍ଧବ ଠାକରେଙ୍କୁ ବିଧାୟକ ଦଳ ନେତା ଭାବେ ଚୟନ କରାଯାଇଛି । ଅନ୍ୟପକ୍ଷରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି । ମହାରାଷ୍ଟ୍ରର ରାଜ୍ୟପାଳଙ୍କୁ ଭେଟି ସେ ନିଜ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ ନିଜର ଇସ୍ତଫା ଘୋଷଣା କରିଛନ୍ତି । ତାଙ୍କ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାଓ୍ୱାର ଇସ୍ତଫା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ଫଡନବିସ କହିଛନ୍ତି ଯେ ଏନସିପି ବିଧାୟକ ଦଳ ନେତାଭାବେ ଅଜିତ ପାଓ୍ୱାର ସମସ୍ତ ଏନସିପି ବିଧାୟକଙ୍କ ସମର୍ଥନ ଆମକୁ ଦେଇଥିଲେ । ତାଙ୍କ ସମର୍ଥନ ଭିତିରେ ଆମେ ସରକାର ଗଠନ କରିଥିଲୁ । କିନ୍ତୁ କିଛି ସମୟ ପୂର୍ବେ ଅଜିତ ଇସ୍ତଫା ଦେବା ପରେ ଆମ ପାଖରେ ଆବଶ୍ୟକ ସଂଖ୍ୟା ନଥିଲା । ଏଣୁ କିଛି ସମୟ ପରେ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବେ ବୋଲି ସେ ଘୋଷଣା କରିଛନ୍ତି । ବିଜେପିକୁ କ୍ଷମତାରୁ ଦୂରେଇ ରଖିବାକୁ ତିନି ପରସ୍ପର ବିପରୀତ ଚିନ୍ତାଧାରା ରଖୁଥିବା ଦଳ ଶିବସେନା, କଂଗ୍ରେସ ଓ ଏନସିପି ହାତ ମିଳାଇଛନ୍ତି । ଯେପରି ଗୋଟିଏ ଅଟୋରିକ୍ସାରେ ୩ଟି ଚକ ଥାଏ ଓ ସବୁ ଚକ ସମାନ ବେଗରେ ଚଳିଲେ ହିଁ ଏହା ଚଳିବ । କିନ୍ତୁ ପରସ୍ପର ବିରୋଧୀ ଚିନ୍ତାଧାରା ଥିବା ୩ଟି ଦଳ ବେଶିଦିନ ଚଳିପାରିବେ ନାହିଁ । ସୂଚନାଯୋଗ୍ୟ ମହାରାଷ୍ଟ୍ରରେ ଗତ ଅକ୍ଟୋବର ୨୧ରେ ନିର୍ବାଚନ ହୋଇଥିଲା ଏବଂ ୨୪ ତାରିଖରେ ଫଳାଫଳ ଆସିଥିଲା । ନିର୍ବାଚନରେ ମେଂଟକରି ଲଢୁଥିବା ଶିବସେନା ଏବଂ ବିଜେପି ମଧ୍ୟରେ ଫାଟ ସୃଷ୍ଟି ହେବା ଆରମ୍ଭ ହୋଇଥିଲା । ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦୁଇ ଦଳ ମଧ୍ୟରେ ମତାନ୍ତର ହେବାରୁ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଲାଗୁହୋଇଥିଲା । ସରକାର ଗଠନ ପାଇଁ ଶିବସେନା ,ଏନସିପି ଏବଂ କଂଗ୍ରେସ ପ୍ରସ୍ତୁତ ହେଉଥିବା ସମୟରେ ବିଜେପି ଏନସିପିର ନେତା ଅଜିଂତ୍ ପାଓ୍ୱାରଙ୍କ ସମର୍ଥନ କ୍ରମେ ରାତାରାତି ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ । ଭୋର ୫.୩୦ରେ ରାଷ୍ଟ୍ରପତି ଶାସନ ଉଠିବା ସହ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ବିଜେପିର ଦେବେନ୍ଦ୍ର ଫଡନବିସ । ମହାରାଷ୍ଟ୍ର ଘଟଣା ଶେଷରେ ସୁପ୍ରିମକୋର୍ଟରେ ପହଂଚିଥିଲା । ସୁପ୍ରିମକୋର୍ଟ ଦେବେନ୍ଦ୍ର ଫଡନବିସଙ୍କୁ ଫ୍ଲୋର ଟେଷ୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଦେବେନ୍ଦ୍ରଙ୍କୁ ସରକାର ଗଠନ କରିବାରେ ସାହାଯ୍ୟ କରିଥିବା ଏନସିପିର ଅଜିତ ପାଓ୍ୱାର ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ଦେବେନ୍ଦ୍ରଙ୍କୁ ଆଉ ସମର୍ଥନ ଦେଇପାରିବେ ନାହିଁ ବୋଲି କହିଥିଲେ । ଏହାପରେ ଦେବେନ୍ଦ୍ର ଫଡନବିସ ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

## ଗଣତନ୍ତ୍ରକୁ ମଜବୁତ କରିଛି ଆମ ସମ୍ବିଧାନ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୬।୧୧(ପି.ଏନ): ଆଇନ ବିଭାଗର ପକ୍ଷରୁ ଆଜି ରାଜ୍ୟସ୍ତରୀୟ ସମ୍ବିଧାନ ଦିବସ ପାଳନ କରାଯାଇଛି । ରାଜ୍ୟ ଆଇନ ମନ୍ତ୍ରୀ ପ୍ରତାପ ଜେନା ଲୋକସେବାଭବନ ଠାରେ ଆୟୋଜିତ ଏହି ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ସାମ୍ବିଧାନିକ କର୍ତ୍ତବ୍ୟ ପାଳନ ସମ୍ପର୍କିତ ସଚେତନତା ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ୭୦ବର୍ଷ ଧରି ଭାରତୀୟ ସମ୍ବିଧାନ ଆମର ଗଣତନ୍ତ୍ରକୁ ମଜବୁତ କରି ରଖିଛି । ଏକ ଆଧୁନିକ ସଂସଦୀୟ ଗଣତନ୍ତ୍ରରେ ସମ୍ବିଧାନ ହେଉଛି ଦିଗ ଦର୍ଶକ । ଭାରତୀୟ ସମ୍ବିଧାନ ସମଗ୍ର ବିଶ୍ୱରେ ସବୁଠାରୁ ଦୀର୍ଘ ଲିଖିତ ସମ୍ବିଧାନ ଓ ଆଇନ ଗତ ଗ୍ରନ୍ଥ । ଭାରତବର୍ଷରେ ବିବିଧତା ମଧ୍ୟରେ ଏକତା ରହିଛି । ଏହା ହେଉଛି ଆମ ଗଣତନ୍ତ୍ରର ସୁଦୃଢତାର ମୂଳମନ୍ତ୍ର ।ଆମ ଦେଶରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ସାମାଜିକ ଏକତା ରହିଛି । ଆମ ସମ୍ବିଧାନ ଏସବୁ ସତ୍ୱେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ସହିତ ଦୁର୍ବଳଶ୍ରେଣୀର ଲୋକଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇଛି । ସମ୍ବିଧାନର ମୁଖବନ୍ଧରେ ଭାରତ ଗୋଟିଏ ସମାଜବାଦ, ଧର୍ମନିରପେକ୍ଷ, ସାର୍ବଭୌମତ୍ୱ ଓ ଗଣତାନ୍ତ୍ରିକ ରାଷ୍ଟ୍ରବୋଲି ଉଲ୍ଲେଖ ରହିଛି । ବିନା ଭେଦଭାବରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ନାଗରିକଙ୍କୁ ସମ୍ବିଧାନ ସମାନ ଅଧିକାର ପ୍ରଦାନ କରିଛି । ସମ୍ବିଧାନ ସମସ୍ତ ନାଗରିକଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଯୋଗାଇଛି । ନିଜର ଅଧିକାର ସାବ୍ୟସ୍ତ କଲାବେଳେ ନାଗରିକମାନେ ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବା ଆବଶ୍ୟକ । ସମ୍ବିଧାନରେ ଏ ନେଇ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ ସଂକ୍ରାନ୍ତରେ ଉଲ୍ଲେଖ ରହିଛି । ଏଥିରେ ଦେଶର ସୁରକ୍ଷା, ଆବଶ୍ୟକ ସମୟରେ ଦେଶ ପାଇଁ ସେବା, ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା, ଜାତୀୟ ସମ୍ପତିର ସୁରକ୍ଷା ଆଦି ସ୍ଥାନ ପାଇଛି । ଦେଶ ଗଠନ ଦିଗରେ ସମସ୍ତଙ୍କର ମୌଳିକ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ଆବଶ୍ୟକ ବୋଲି ଶ୍ରୀ ଜେନା କହିଛନ୍ତି ।ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି ଯେ ମୌଳିକ ଅଧିକାର ସମ୍ପର୍କିତ ଶପଥପାଠ କରାଇବା ସହିତ ଏ ସମ୍ପର୍କରେ ତାଙ୍କର ମତ ରଖିଥିଲେ । ଆଇନ ବିଭାଗର ପ୍ରମୁଖ ସଚିବ ଶଶୀକାନ୍ତ ମିଶ୍ର ସମ୍ବିଧାନ ଦିବସର ଆୟୋଜନ ସମ୍ପର୍କରେ ଉଲ୍ଲେଖ କରିବା ସହିତ ନାଗରିକମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସଂକ୍ରାନ୍ତରେ ଆଲୋକପାତ କରି ସମସ୍ତେ ସଚେତନ ହେବାପାଇଁ ପରାମର୍ଶ ଦେଇଥିଲେ । କିଟ ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ସହକାରୀ ପ୍ରଫେସର କାଭାଲ୍ୟା ଗାରିକପତି ସମ୍ବିଧାନ ଦିବସ ପାଳନ ଓ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗର ଶାସନ ସଚିବମାନଙ୍କ ସହିତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଅବଧି ପୂର୍ବରୁ ବିଧାନସଭା ସାରିବାକୁ ଚାଲିଛି ମନ୍ତ୍ରଣା: ସ୍ପଷ୍ଟୀକରଣ ମାଗିଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର, ୨୬।୧୧(ପି.ଏନ): ବିଧାନସଭା ଅଧିବେଶନ ଗତ ନଭେମ୍ବର ୧୩ ତାରିଖ ଠାରୁ ଆସନ୍ତା ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାର କାର୍ଯ୍ୟ ଅବଧି ଅଧା ସରିନଥିବା ବେଳେ ଗୃହକୁ ବନ୍ଦ କରିଦେବା ପାଇଁ ଏକ ମନ୍ତ୍ରଣା ଚାଲିଛି ବୋଲି ଶୁଣିବାକୁ ମିଳୁଛି । ଏହା କ'ଣ ସତ ! ଯଦି ସତ ହୋଇଥାଏ, ଏହାର କାରଣ କ'ଣ ବୋଲି ଆଜି ଗୃହର ଶୂନ୍ୟ କାଳରେ ପ୍ରଶ୍ନ ଉଠାଇ ପଚାରିଛନ୍ତି ବିରୋଧି ଦଳର ନେତା ପ୍ରଦୀପ୍ତ ନାଏକ ।ଗୃହ ଚାଲିବା ପାଇଁ ସରକାରଙ୍କ ପାଖରେ ଆଉ ବିଜିନେସ୍ ନାହିଁ ବୋଲି କୁହାଯାଉଛି । ସରକାରଙ୍କ ପାଖରେ କେତେ ବିଜିନେସ୍ ଅଛି ଓ ଅଧିବେଶନ କେତେଦିନ ଚାଲିବାର ଆବଶ୍ୟକତା ରହିଛି, ଏକଥା କ'ଣ ସରକାର ବିଜ୍ଞପ୍ତି ପୂର୍ବରୁ ଜାଣିନଥିଲେ ? ପ୍ରଶ୍ନୋତର କାର୍ଯ୍ୟକ୍ରମ କ'ଣ ଗୃହର ବ୍ୟବସାୟ ନୁହେଁ ? ଆହୁରି ହଜାର ହଜାର ସଂଖ୍ୟକ ପ୍ରଶ୍ନର ଉତର ଦେବାକୁ ରହିଛି ସରକାର ଏତେ ଶୀଘ୍ର ଆଲୋଚନାକୁ ଡରୁଛନ୍ତି କାହିଁକି ? ସେହିପରି ବିଭାଗୀୟ ଅତିରିକ୍ତ ବଜେଟ ଉପରେ ଆଲୋଚନାକୁ ଏପରି କାଁଟ୍‌ଛାଁଟ୍ କାହିଁକି କରାଯାଇଛି ବୋଲି ଶ୍ରୀ ନାଏକ ପ୍ରଶ୍ନ କରିଛନ୍ତି । ବିଧାନସଭାରେ ଆଲୋଚନା ଓ ଜନସାଧାରଣଙ୍କ ସମସ୍ୟା ଉପରେ ସରକାରଙ୍କ ପ୍ରତିକ୍ରିୟା ଏହା ହିଁ ହେଉଛି ଗଣତାନ୍ତ୍ରିକ ବ୍ୟବସ୍ଥା । ଏହି ଲୋକତାନ୍ତ୍ରିକ ବ୍ୟବସ୍ଥାର ଏପରି ଚକ୍ରାନ୍ତ କରାଯାଇ କାହିଁକି କରାଯାଉଛି ? ଜନସାଧାରଣଙ୍କ ସ୍ୱାର୍ଥଜଡିତ ବହୁତ ଗୁଡିଏ ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା ହେବାର ଥିଲା । ମହିଳା ମାନଙ୍କ ଉପରେ ଅତ୍ୟାଚାର ଓ ହତ୍ୟା, ଧାନ ବିକ୍ରିରେ ଅବ୍ୟବସ୍ଥା, ବିଧାନସଭାରେ ମନ୍ତ୍ରୀଙ୍କ ଘୋଷଣା ଓ ବାହାରେ ଆଉ ଏକ ପ୍ରକାର ଘୋଷଣା ନେଇ ଚାଷୀମାନ ମନରେ ସନ୍ଦେହ, କାଳିଆ ଯୋଜନାରେ ସରକାରଙ୍କ ଘୋଷଣା ଅନୁଯାୟୀ କିସ୍ତିଓ୍ୱାରୀ ଟଙ୍କା ପ୍ରଦାନ ନକରିବା, ଚିଟ୍‌ଫଣ୍ଡ ଠକେଇରେ ପଡିଥିବା ସ୍ୱଳ୍ପ ସଂଚୟକାରୀ ମାନଙ୍କୁ କ୍ଷତିପୂରଣ ନଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଆଦି ଅଭିଯୋଗ ଉପରେସରକାରଙ୍କ ଆଭିମୁଖ୍ୟ କ'ଣ ଏ ପର୍ଯ୍ୟନ୍ତ ଜଣାଯାଇନାହିଁ । ଏପରି ସ୍ଥିତିରେ ଗୃହକୁ ହଠାତ ବନ୍ଦ କରିବା କାହା ସ୍ୱାର୍ଥରେ ବୋଲି ଶ୍ରୀ ନାଏକ ପ୍ରଶ୍ନ କରିଛନ୍ତି ।

## ନୂଆ ବସଷ୍ଟାଣ୍ଡରୁ ବସ୍ ଗଡ଼ିଲା ନାହିଁ; ଘରୋଇ ବସ୍ ମାଲିକ ସଂଘ ଜିଦ୍‌ରେ ଅଟଳ : ଯାତ୍ରୀ ହନ୍ତସନ୍ତ

ଗଞ୍ଜାମ, ୨୬।୧୧(ପି.ଏନ):ଆଜି ଠାରୁ ବ୍ରହ୍ମପୁର - ହଳଦିଆପଦର ବସ୍ ଟର୍ମିନାଲ୍ ଠାରୁ ବ୍ରହ୍ମପୁରକୁ ସମସ୍ତ ବସ୍ ଯାତାୟାତ କରିବା ନିଷ୍ପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବେଳେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇଛି । ଗତକାଲି ଜିଲ୍ଲା ପ୍ରଶାସନ ଓ ବସ୍ ମାଲିକ ସଂଘ ପକ୍ଷରୁ ଆଲୋଚନା ବୈଠକ ବିଫଳ ହୋଇଥିଲା । ଫଳରେ ଆଜି ସକାଳୁ ଘରୋଇ ବସ୍ ଗୁଡିକ ବ୍ରହ୍ମପୁରରୁ ବିଭିନ୍ନ ସ୍ଥାନକୁ ଯାଇନାହିଁ କିମ୍ବା ଆସିନାହିଁ । ନୂଆ ବସଷ୍ଟାଣ୍ଡରେ ପ୍ରବେଶ ଓ ପ୍ରସ୍ଥାନ ରାସ୍ତାକୁ ପ୍ରଶାସନ ଡ୍ରୋଜର ଲଗାଇ ଖୋଳି ଦେଇଛି । ଯେଉଁଥିପାଇଁ ବସଷ୍ଟାଣ୍ଡ ଭିତରକୁ ବସ୍ ପ୍ରବେଶ କିମ୍ବା ପ୍ରସ୍ଥାନ କରିପାରିବ ନାହିଁ । ବସ୍ ଚଳାଚଳ ବନ୍ଦ ଫଳରେ ଦୂର ଦୂରନ୍ତକୁ ଯାତ୍ରା କରିବାକୁ ଥିବା ହଜାର ହଜାର ସଂଖ୍ୟାରେ ଯାତ୍ରୀ ଘଂଟା ଘଂଟା ଧରି ବସଷ୍ଟାଣ୍ଡରେ ଅଟକି ରହିଥିଲେ । ଓଏସଆରଟିସି ଓ ଟାଉନ୍ ବସ୍ ଚଳାଚଳ କରୁଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନଥିଲା । ଫଳରେ ଯାତ୍ରୀ ମାନେ ଅଯଥା ହନ୍ତସନ୍ତ ହେଉଥିବା ବେଳେ ଅଟୋ ଓ ଚାରିଚକିଆ ଯାନବାହନର ଭଡ଼ା ବୃଦ୍ଧି ପାଇଛି । ଅଧିକ ମାତ୍ରାରେ ଭଡ଼ା ଆଦାୟ ଯୋଗୁଁ ଯାତ୍ରୀ ମାନେ ଶୋଷଣର ଶିକାର ହେଉଛନ୍ତି । ପ୍ରଶାସନର ଉଦ୍ଦେଶ୍ୟ ଯେ, ନୂଆ ବସଷ୍ଟାଣ୍ଡର ପ୍ରବେଶ ଓ ପ୍ରସ୍ଥାନ ରାସ୍ତା ଅବରୋଧ ହୋଇଗଲେ ଘରୋଇ ବସ୍ ଗୁଡିକ ହଳଦିଆପଦର ବସ୍ ଟର୍ମିନାଲ୍ ଯାଏ ଯିବାକୁ ବାଧ୍ୟ ହେବେ । ଅନ୍ୟପକ୍ଷରେ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ମାନେ ମଧ୍ୟ ନିଜ ଜିଦ୍ ରେ ଅଟଳ ରହିବା ସହ ଆନ୍ଦୋଳନ ଜାରୀ ରଖିଛନ୍ତି ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବାକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ତୃତୀୟ ଲିଙ୍ଗ ଓ ମନସ୍ତତ୍ତ୍ୱ



ଭୁବନେଶ୍ୱର (ପିଏନ୍): ସାଧାରଣତଃ କ୍ରୋମଜମ୍ ଓ ହରମୋନ ପ୍ରଭାବରେ ବିକାଶୋନ୍ମୁଖୀ ଅବସ୍ଥାରେ ଲିଙ୍ଗ ନିରୂପିତ ହୋଇଥାଏ। ଯଦି କୌଣସି ସମୟରେ ଲିଙ୍ଗ କ୍ରୋମଜମ କିମ୍ବା ଲିଙ୍ଗ ହରମୋନ ପରିବର୍ତ୍ତନ ହୁଏ ସେତେବେଳେ ସେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଉଭୟ ପୁରୁଷ ଓ ନାରୀ ବୋଲି ଚିହ୍ନିତ ହୋଇଥାନ୍ତି। କ୍ରୋମଜମ ଓ ହରମୋନର ମିଶ୍ରଣ ବ୍ୟତୀତ ବେଳେ ବେଳେ କେତେକ ବ୍ୟକ୍ତି ବିପରୀତ ଲିଙ୍ଗର ବ୍ୟକ୍ତିଙ୍କ ପରି ଆଚରଣ ପ୍ରଦର୍ଶନ କରିଥାନ୍ତି। ଯାହା ତାଙ୍କର ଜୀବବିଜ୍ଞାନ ସମ୍ମତ ଲିଙ୍ଗ ଅନୁସାରେ ହୋଇନଥାଏ ଫଳତଃ ଜଣେ ପୁରୁଷ ବ୍ୟକ୍ତି ନାରୀ ପରି କିମ୍ବା ନାରୀ ଜଣକ ପୁରୁଷ ପରି ବଢ଼ି ଉଠିଥାନ୍ତି। ଏହାକୁ ସେହି ବ୍ୟକ୍ତିଙ୍କ ବିପରୀତ ଲିଙ୍ଗୀର ଆଚ୍ଚରଣ ବୋଲି ସମାଜରେ ପରିଚିତ ହୋଇଥାଏ। ଏହି ମାନଙ୍କୁ ତୃତୀୟ ଲିଙ୍ଗ କୁହାଯାଏ। ଉଭୟଲିଙ୍ଗୀ ବ୍ୟକ୍ତିମାନେ ଯେଉଁ କ୍ରୋମଜମ, ଜନନକୋଷ ବା ଜନନେନ୍ଦ୍ରୀୟ ପରି ଉପାଦାନ ସହ ଜନ୍ମ ଗ୍ରହଣ କରିଥାନ୍ତି ସେମାନେ ପୁରୁଷ କିମ୍ବା ନାରୀ ଶରୀରର ନିର୍ଦ୍ଧାରିତ ଗୁଣାବଳୀ ସହ ଖାପଖୁଆଇବାରେ ଅସମର୍ଥ ହୋଇଥାନ୍ତି। ଉଭୟ ଲିଙ୍ଗୀ ବ୍ୟକ୍ତିମାନଙ୍କର ଶାରୀରିକ ଗଠନ ପ୍ରାୟତଃ ବିପରୀତ ଲିଙ୍ଗୀ ବ୍ୟକ୍ତିମାନଙ୍କ ପରି। ସାଧାରଣତଃ ଟ୍ରାନ୍ସଜେଣ୍ଡର ବ୍ୟକ୍ତିମାନଙ୍କ ଠାରେ ପୁରୁଷ ଓ ନାରୀର ମିଳିତ ଲକ୍ଷଣ ବା ଉପାଦାନ ପରିଲକ୍ଷିତ ହେଲେ ମଧ୍ୟ ସେମାନେ ଯେଉଁ ଲିଙ୍ଗର ବ୍ୟକ୍ତିଭାବେ ଜୀବନ ନିର୍ବାହ କରିଥାନ୍ତି ସେଥିରେ ସେମାନେ ନିଜେ ଅସନ୍ତୁଷ୍ଟ ରହିଥାନ୍ତି। ଯାହାଦ୍ୱାରା ସେମାନେ ବିପରୀତ ଲିଙ୍ଗର ବ୍ୟକ୍ତିମାନଙ୍କର ରୂପ ଓ ଆଚରଣକୁ ଆପଣାଇ ନେବା ପାଇଁ ଉଚିତ୍ ମଣିଥାନ୍ତି। ମାତ୍ର ଯେଉଁମାନେ ନିଜ ଦେହର ବାହ୍ୟ ରୂପକୁ ନେଇ ଅସନ୍ତୁଷ୍ଟ ଥାଆନ୍ତି ସେମାନେ ଚିକିତ୍ସା ବିଜ୍ଞାନର ସହାୟତା ଲୋଡ଼ିଥାନ୍ତି। ଏହି ସବୁ ଚିକିତ୍ସା ବିଜ୍ଞାନ ମଧ୍ୟରେ ରହିଛି ହରମୋନ ରିପ୍ଲେସମେଣ୍ଟ ଥେରାପି, ଜନନେନ୍ଦ୍ରୀୟ ଅସ୍ତ୍ରୋପଚାର ଓ ମନବିଜ୍ଞାନ ଚିକିତ୍ସା। ଭାରତୀୟ ହିନ୍ଦୁ ପୁରାଣରେ ତୃତୀୟ ଲିଙ୍ଗ କାହାଣୀ ଭାବିଲେ ଲୋକପ୍ରିୟ ଚରିତ୍ର ଶ୍ରୀଖଣ୍ଡୀ କଥା ମନେପଡ଼େ। ପୂର୍ବକାଳରେ ଯେଉଁ ପୁରୁଷମାନେ ଅପ୍ରାକୃତିକ ଯୌନ ସମ୍ପର୍କରେ ଲିପ୍ତ ରହୁଥିଲେ ସେମାନଙ୍କୁ ମାଇଚିଆ ବୋଲି କୁହାଯାଉଥିଲା। ସେହିପରି କିନ୍ନର-କିନ୍ନରୀମାନେ ମାନସିକ ରୋଗ ବା ବିକୃତିର ପର୍ଯ୍ୟାୟଭୁକ୍ତ ନ ହେଲେ ମଧ୍ୟ ବେଶ୍ ପରିମାଣରେ ଉଦ୍‌ବେଗ ଅନୁଭବ କରନ୍ତି। ସମୟ ସମୟରେ ବିଷାଦଗ୍ରସ୍ତ ହୋଇପଡ଼ନ୍ତି। ବେଳେବେଳେ ଏପରି ବ୍ୟକ୍ତିମନରେ ସମଲିଙ୍ଗୀ କାମନା ପ୍ରକାଶ ପାଏ। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କାରଣ ପୁରୁଷ ଅଙ୍ଗ ସତ୍ତ୍ୱେ ଏମାନେ ମାନସିକ ସ୍ତରରେ ନିଜକୁ ନାରୀ ବୋଲି ବିବେଚନା କରୁଥିବାରୁ ଅନ୍ୟ ପୁରୁଷମାନଙ୍କ ସହିତ ଯୌନ ସଂପର୍କର କାମନା ଆସିବା ସ୍ୱାଭାବିକ। ସେହିପରି ନାରୀ ଅଙ୍ଗ ଥିବା ମହିଳା ନିଜକୁ ପୁରୁଷ ମନେ କରୁଥିବାରୁ ଅନ୍ୟ ନାରୀ ସହିତ ଯୌନ ସଂପର୍କର ବ୍ୟାକୁଳତା ପ୍ରକାଶ କରେ। କହିବା ଅନାବଶ୍ୟକ ଯେ, ନିଜର ମାନସିକ ଭାବନା ଅନୁଯାୟୀ ପୁରୁଷ ଶରୀରର କିନ୍ନରମାନେ ନାରୀ ପରି ବେଶଭୂଷାର ଆଶ୍ରୟ ନେବା ଫଳରେ ସାମାଜିକ ଘୃଣା ଓ ତାଚ୍ଛଲ୍ୟର ଶରବ୍ୟ ହୁଅନ୍ତି। ଏହା ସେମାନଙ୍କର ଉଦ୍‌ବେଗ ବୃଦ୍ଧି ପାଏ। କିନ୍ନର କିନ୍ନରୀମାନେ ପ୍ରକୃତରେ ଅନୁଭବ କରନ୍ତି ଯେ, ସେମାନଙ୍କର ଶାରୀରିକ ଚିହ୍ନସବୁ ଭୁଲ। ସେମାନେ ପ୍ରକୃତରେ ଭିନ୍ନଲିଙ୍ଗର ବ୍ୟକ୍ତି। ଇଣ୍ଟରସେକ୍ସ ଯେଉଁଠି କୌଣସି ଜଣେ ବ୍ୟକ୍ତିର ଯୌନ ପ୍ରବଣତାରେ ବ୍ୟତିକ୍ରମ ପ୍ରସଙ୍ଗ ଆସିଥାଏ, ସେଠାରେ ସେ ଇଣ୍ଟରସେକ୍ସ ବା ଉଭୟ ଲିଙ୍ଗୀ ବୋଲି କଥା ଉଠିଥାଏ। ଏହି ବ୍ୟତିକ୍ରମଗୁଡ଼ିକ ହେଲା କ୍ରୋମୋଜମ୍‌ରେ ବ୍ୟତିକ୍ରମ, ଜନନକୋଷ ଗଠନର ବ୍ୟତିକ୍ରମ, ନାରୀର ପୁରୁଷ ପରି ସ୍ୱଭାବ ବା ଆଚରଣ, ପୁରୁଷ କ୍ଷେତ୍ରରେ ପୌରୁଷର ଅଭାବବୋଧ। ଦ୍ୱନ୍ଦ୍ୱାତ୍ମକ ଜନନେନ୍ଦ୍ରିୟ ଏହା ଶିଶୁ ଶରୀରର ବାହ୍ୟ ଅଂଶରେ ଥିବା ଜନନେନ୍ଦ୍ରିୟ ଅସ୍ୱାଭାବିକ ରୂପ ବା ଗଠନକୁ ସୂଚାଇଥାଏ। ନାରୀ ଶିଶୁଟି ପୁରୁଷୋଚିତ ଗୁଣାବଳୀ ହେତୁ ପୁରୁଷ ଶିଶୁଟି ପରି ଦେଖାଯାଇଥାଏ କିମ୍ବା ଯଦି ପୁରୁଷ ଶିଶୁଟିର ଜନନେନ୍ଦ୍ରିୟ ଗଠନ ପୂର୍ଣ୍ଣାଙ୍ଗ ରୂପ ଗ୍ରହଣ କରିନଥାଏ ତାହାଲେ ସେ ନାରୀ ଶିଶୁଟି ପରି ପ୍ରତୀତ ହୋଇଥାଏ। ଏଭଳି ପରିସ୍ଥିତିରେ ପିତାମାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ସେମାନେ ଚିକିତ୍ସା ବିଜ୍ଞାନର ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ିବା ନିହାତି ଆବଶ୍ୟକ ଏବଂ ସଠିକ୍ ନିରୀକ୍ଷା ପରେ ଶିଶୁଟିକୁ ଯଥାଯଥ ଲିଙ୍ଗଧାରୀ ବୋଲି ପରିଚିତ କରିବା ଉଚିତ। ଲିଙ୍ଗ ପରିବର୍ତ୍ତନରରେ ଥିବା ବିଭିନ୍ନ ପ୍ରଣାଳୀ। ଏହି ପ୍ରଣାଳୀ ମଧ୍ୟରେ ରହିଛି - ମନସ୍ତାତ୍ତ୍ୱିକ ଉପଦେଶ, ଜନନେନ୍ଦ୍ରିୟର ପୁନଃନିର୍ମାଣ, ସୌନ୍ଦର୍ଯ୍ୟ ଉପଚାର ବା ଅସ୍ତ୍ରୋପଚାର, ହରମୋନ୍ ପ୍ରତିରୋପଣ, ମୁଖମଣ୍ଡଳର ବୈଦ୍ୟୁତିକ ଉପଚାର। ଦେଶ ଗଠନରେ ସାହାଯ୍ୟ କରିବାକୁ ଯଥେଷ୍ଟ ସାମର୍ଥ୍ୟ ରଖୁଥିବା ତୃତୀୟ ଲିଙ୍ଗଙ୍କ ପ୍ରତି ଯେଉଁ ସାମାଜିକ ଅନ୍ୟାୟ ଏଯାବତ୍ ହୋଇଆସିଛି, ସମଗ୍ର ନାଗରିକ ସମାଜ ଏହାର ବିରୋଧ କରିବାର ସମୟ ଆସିଛି। ପ୍ରକୃତି ଯଦି ଲିଙ୍ଗ ବିଭାଜନକୁ ଦ୍ୱିବିଧ ଭାବରେ ଘୋଷଣା କରେ ନାହିଁ, ତାହାଲେ ଲିଙ୍ଗଗତ ଦ୍ୱିବିଧତାକୁ କେବଳ ଗୁରୁତ୍ୱ ଦେବା ଅପ୍ରାକୃତିକ ନୁହେଁ କି ? ଯେଉଁମାନେ ଶାରୀରିକ ଭାବେ ସଂପୂର୍ଣ୍ଣ ପୁରୁଷ ବା ସଂପୂର୍ଣ୍ଣ ମହିଳା ନୁହନ୍ତି ବା ଯେଉଁମାନେ ମାନସିକ ଭାବେ ସମାଜ ଦେଉଥିବା ଲିଙ୍ଗଗତ ପରିଚୟକୁ ମାନିବାକୁ ଇଚ୍ଛା କରନ୍ତି ନାହିଁ ସେମାନଙ୍କର ବି ସମାଜର ଅଂଶବିଶେଷ ଭାବେ ଓ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ସଭ୍ୟ ଭାବେ ଜୀବନ ବଞ୍ଚିବାର ଅଧିକାର ରହିଛି। ଏହା ଏକ ପ୍ରାକୃତିକ ସଂରଚନା। ତେଣୁ ପ୍ରାକୃତିକ ସଂରଚନାକୁ ସ୍ୱୀକାର ନକରି ଏହି ଲିଙ୍ଗ ବିବିଧତା ବା ଲିଙ୍ଗଗତ ଭିନ୍ନ ଆଚରଣ ପାଇଁ କୌଣସି ମଣିଷକୁ ନ୍ୟୁନ କରି ଦେଖିବା, ତାର ମାନବୀୟ ଅଧିକାର କ୍ଷୁର୍ଣ୍ଣ କରିବା ବା ରାଷ୍ଟ୍ର ପ୍ରଦତ୍ତ ଅଧିକାର ସମୂହରୁ ବଞ୍ଚିତ କରିବା ଅଯୌକ୍ତିକ ଓ ଅମାନବୀୟ ନିଷ୍ପତ୍ତି।

**(ସୌଜନ୍ୟ: ଡାକ୍ତର ସମ୍ରାଟ କର, ସହକାରୀ ପ୍ରଫେସର, ମାନସିକ ରୋଗ ବିଭାଗ, ପୁରୀଘାଟରୋଡ଼, କଟକ, ଦୂରଭାଷ: ୯୧୩୨୪୩୩୩୩୩)**

# ଜାତୀୟ ଏକତା ହିଁ ରାଷ୍ଟ୍ରଗଠନର ମୂଳସୂତ୍ର



ଖୋର୍ଦ୍ଧା (ପିଏନ୍): ଜାତୀୟ ଏକତା ହିଁ ରାଷ୍ଟ୍ରଗଠନର ମୂଳସୂତ୍ର। ଏହି ପରିପ୍ରେକ୍ଷୀରେ ଜାତୀୟ ଏକତା ଦିବସ ସ୍ଥାନୀୟ ଡି.ଏ.ଭି. ପବ୍ଲିକ୍ ସ୍କୁଲରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସେବା ସଂଗଠନ ସ୍କାଉଟ୍ ଗାଇଡ୍ ଓ ଜେଆରସି ଦ୍ୱାରା ଆୟୋଜିତ ଏହି ଉତ୍ସବକୁ ପରିଚାଳନା କରିଥିଲେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଅନିମେଶ ଓ ଧନ୍ୟବାଦ ଅର୍ପଣ କରିଥିଲେ ଛାତ୍ର ଅକ୍ଷିତ। ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀଙ୍କ ଭିତରେ ଜାତି ଧର୍ମ ଓ ବର୍ଣ୍ଣକୁ ନେଇଥିବା ସଂକୀର୍ଣ୍ଣ ମନୋଭାବକୁ ଦୂରକରି 'ଆମେ ସମସ୍ତେ ଭାରତୀୟ'ର ଭାବନା ସୃଷ୍ଟି କରିବା ପାଇଁ ଏକ ନୃତ୍ୟ ନାଟିକା ଛାତ୍ରଛାତ୍ରୀମାନଂକ ଦ୍ୱାରା ମଂଚସ୍ଥ ହୋଇଥିଲା। ସଙ୍ଗୀତ ଶିକ୍ଷକ ଜଳଧର ପ୍ରଧାନ, ତାବଲା ଶିକ୍ଷକ ଅନନ୍ତଚରଣ ସାହୁ, ନୃତ୍ୟଶିକ୍ଷିକା ମାଳବିକା ଦାସ ଏହାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଡା. ନନ୍ଦକିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଦୀପ୍ତିମୟୀ ମହାନ୍ତି, ମୁଖ୍ୟ ପାଠ୍ୟ ସଂଯୋଜକ ଚିତରଂଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସିସିଟିଭି କ୍ୟାମେରା ପ୍ରତି ଚୋରଙ୍କ ଟାର୍ଗେଟ୍

ଖୋର୍ଦ୍ଧା (ପିଏନ୍): ଗତ କିଛିଦିନ ଧରି ବିଡିଏ କଲୋନୀ ଓ ଏହାର ପାଖଆଖ ଅଂଚଳରେ ଚୋରି ଆତଙ୍କ ଦେଖିବାକୁ ମିଳିଛି। ଚୋରମାନେ ମୁହଁରେ କନାଘୋଡ଼ି ହୋଇ ଆସୁଛନ୍ତି ଏବଂ ଚୋରି ଧରାନପଡ଼ିବା ପାଇଁ ସିସିଟିଭି କ୍ୟାମେରାକୁ ଟାର୍ଗେଟ୍ କରୁଛନ୍ତି। କିଛିଦିନ ତଳେ ଜଣେ ଅବସରପ୍ରାପ୍ତ ବରିଷ୍ଠ ପୁଲିସ ଅଧିକାରୀଙ୍କ ଭାଇଙ୍କ ଘର ବାହାରେ ଲାଗିଥିବା ସିସିଟିଭି କ୍ୟାମେରା ଭାଂଗିବା ଉଦ୍ୟମ କରିଥିଲେ ଚୋର। ନିକଟରେ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରା ଭାଂଗିବାର ଉଦ୍ୟମ ହୋଇଛି। ଏଥିରୁ ସନ୍ଦେହ କରାଯାଉଛି ଯେ, ଚୋରମାନେ ଚୋରିର ମଉକା ଖୋଜୁଛନ୍ତି। କଲୋନୀରୁ ବାଇକ୍ ଓ ମୋବାଇଲ ଆଦି ସାମଗ୍ରୀ ଚୋରିହେବା ସାଧାରଣ ଘଟଣା ପାଲଟିଛି। ବିଡିଏ କଲୋନୀ କଲ୍ୟାଣ ମଣ୍ଡପ ନିକଟରେ ମଧ୍ୟ ଅସାମାଜିକ ଯୁବକଙ୍କର ଆଡ୍ଡା ଦେଖିବାକୁ ମିଳୁଛି। ଏ ଅଂଚଳରେ ଜମାରୁ ପୁଲିସ ପାଟ୍ରୋଲିଙ୍ଗ୍ ହେଉନଥିବାରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳୁଛି ବୋଲି ଅଭିଯୋଗ ହେଉଛି।

# ଉଦ୍‌ଯାପିତ ହେଲା 'ବିର୍ସାମୁଣ୍ଡା ଜୟନ୍ତୀ-୨୦୧୯'

ଭୁବନେଶ୍ୱର (ପିଏନ୍): ବିର୍ସାମୁଣ୍ଡା ଥିଲେ ପ୍ରଗାଢ଼ ଦେଶଭକ୍ତ। ଅତ୍ୟାଚାରୀ ବ୍ରିଟିଶ ଶାସକଙ୍କୁ ଉଚିତ୍ ଶିକ୍ଷା ଦେବା ପାଇଁ ସେ ନେଇଥିଲେ ନିର୍ଭୀକ ପଦକ୍ଷେପ। ନିଜ ଜୀବନକୁ ବାଜି ଲଗାଇ ସେ ଦୁର୍ଦ୍ଦାନ୍ତ ବ୍ରିଟିଶ ଶାସକଙ୍କ ଉପରକୁ ମାରିଥିଲେ ତୀର। ଏଥିପାଇଁ ତାଙ୍କୁ ଅତ୍ୟନ୍ତ ବର୍ବରୋଚିତ ଭାବେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ସେଭଳି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ତାଙ୍କ ଜନ୍ମତିଥିରେ ସାରା ଦେଶ ମନେପକାଇଛି। ଏହି ଅବସରରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ଥିବା ଲୁହାପଙ୍କ ପଞ୍ଚାୟତର ଚରିବାଟୀ ଗାଁରେ ଥିବା ନିତିଆ ମୁଣ୍ଡା ଫାର୍ମ ହାଉସ୍ ପରିସରରେ ପାଳିତ ହୋଇଯାଇଛି 'ବିର୍ସାମୁଣ୍ଡା ଜୟନ୍ତୀ-୨୦୧୯'। ଭୁବନେଶ୍ୱର ଡେନିମ୍ ଆଣ୍ଡ ବ୍ଲୁଜ୍ ନୃତ୍ୟାନୁଷ୍ଠାନ ଓ ସେଠାକାର 'ବିର୍ସାମୁଣ୍ଡା ଜୟନ୍ତୀ କମିଟି'ର ମିଳିତ ସହଯୋଗରେ ଏହି ଉତ୍ସବର ଆୟୋଜନ କରିଥିଲା। ପ୍ରଥମ ଦିବସରେ ସହୀଦ ବିର୍ସା ମୁଣ୍ଡାଙ୍କ ଜନ୍ମଦିବସ ପାଳିତ ହେବା ସହିତ ସନ୍ଧ୍ୟାରେ ପ୍ରଦୀପ ପ୍ରଜ୍ୱଳନ ଏବଂ ସଂକୀର୍ତ୍ତନ ଓ କରମା ନାଚ ପରିବେଷିତ ହୋଇଥିଲା। ସେହିପରି ନଭେମ୍ବର ୧୬ ତାରିଖରେ ଜାତୀୟ ଗଣମାଧ୍ୟମ ଦିବସ ଅବସରରେ ସର୍ବଭାରତୀୟ ସମ୍ବାଦପତ୍ର ପ୍ରଦର୍ଶନୀ, ମୁଣ୍ଡା ଗୀତ ଓ ମାଦଳ ପ୍ରତିଯୋଗିତା ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ସାଧାରଣ ଜ୍ଞାନ ଓ ପୁଚି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ଦିବସରେ 'ଟାଇମ୍ ପାସ୍' ତରଫରୁ ବିର୍ସାମୁଣ୍ଡା ମଞ୍ଚ ଉପରେ 'ଗପସପ' ଓ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବକବି ସରୋଜ ବଳ, ଆଦିତ୍ୟେଶ୍ୱର ମିଶ୍ର, ଭାରତ ମାଝୀ, ସତ୍ୟ ପାଣିଗ୍ରାହୀଙ୍କ ସମେତ ୧୭ ଜଣ କବି, ଗାଳ୍ପିକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତପି ମିଶ୍ର, ଅଭିନେତ୍ରୀ ମହିମା ଦାସ, କବି, ଗୀତିକାର ଓ ଅଭିନେତା ଦେବ ପାତ୍ର, କବି ଓ ମିମିକ୍ରି ଆର୍ଟିଷ୍ଟ ଗୋବିନ୍ଦ ସରାଫ, ପ୍ରମେୟର ସାଂସ୍କୃତିକ ସାମ୍ବାଦିକ ମନୋରଞ୍ଜନ ମହାନ୍ତି, ମିଡ଼ିଆ କୋର୍ଡ଼ିନେଟର ବାଳକୃଷ୍ଣ ରାଉତ (ମୁନା), ଲୁହାପଙ୍କ ପଞ୍ଚାୟତର ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନ, ଯୁବ ସମାଜସେବୀ ନରେଶ କୁମାର, ଭିକି ଓ ସୁନିଲ୍ ପ୍ରଧାନ ଏବଂ ଯୁବ ବ୍ୟବସାୟୀ ପଙ୍କଜ କେଡ଼ିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଡେନିମ୍ ଆଣ୍ଡ ବ୍ଲୁଜ୍‌ର କଳାକାରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ସଭା, ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସତ୍ୟ ପାଣିଗ୍ରାହୀ। ଉତ୍ସବର ଆବାହକ ମୁରଲୀ ମୁଣ୍ଡା, ନିର୍ଦ୍ଦେଶକ ବାବୁଲି ମୁଣ୍ଡା ଓ ପୃଷ୍ଠପୋଷକ ନିତିଆ ମୁଣ୍ଡା ପ୍ରମୁଖ ଅତିଥି ଓ କଳାକାରମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ମୁଲାୟମସିଂହ ଯାଦବଙ୍କ ୮୧ତମ ଜନ୍ମଜୟନ୍ତୀ ପାଳିତ

ଭୁବନେଶ୍ୱର (ପିଏନ୍): ସମାଜବାଦୀ ଚିନ୍ତକ ଡଃ ରାମମନୋହର ଲୋହିଆଙ୍କ ପଟ୍ଟଶିଷ୍ୟ, ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା, ଦେଶର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଓ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ସାଂସଦ ଶ୍ରୀ ମୁଲାୟମସିଂହ ଯାଦବଙ୍କ ୮୧ତମ ଜନ୍ମଜୟନ୍ତୀ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ତରଫରୁ ପାଳିତ ହୋଇଯାଇଛି। ପାର୍ଟିର ରାଜ୍ୟ କାର୍ଯ୍ୟାଳୟରେ ଦଳର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ନେତାଜୀଙ୍କ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ନେତା ବିଜୟ ବେହେରା, ସଞ୍ଜୟ ନାୟକ, ଯୁବନେତା ସୁବ୍ରତ ଲେଙ୍କା, ନାରୀନେତ୍ରୀ ରୀତା ପଟ୍ଟନାୟକ, ଭାରତୀ ପଟ୍ଟନାୟକ ପ୍ରମୁଖ ମୁଲାୟମ ସିଂହଙ୍କ ଉପରେ ସବିଶେଷ ଆଲୋଚନା କରିଥିଲେ। ସଭାପତି ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ମୁଲାୟମସିଂହଙ୍କ ବ୍ୟକ୍ତିତ୍ୱ ବର୍ତ୍ତମାନ ସମୟରେ ସମାଜବାଦ ପ୍ରାସଙ୍ଗିକତା ଉପରେ ଆଲୋଚନା କରି କହିଥିଲେ ଯେ, ଆଜି ଦେଶରେ ଯେତେବେଳେ ବେକାରୀ, କୃଷକମାନଙ୍କ ଆତ୍ମହତ୍ୟା ଓ ଦରଦାମ ବଢ଼ି ବଢ଼ି ଚାଲିଛି, ଦେଶର ଏକତା, ଅଖଣ୍ଡତା ଓ ସାମ୍ପ୍ରଦାୟିକ ସଦ୍‌ଭାବନା ସୁଦୂର ପରାହତ, ଭିଡ଼ହିଂସା ଓ ଅସହିଷ୍ଣୁତା ଆମ ଗଣତନ୍ତ୍ରକୁ କବଳିତ କରିଛି ସେତିକିବେଳେ ନେତାଜୀ ଓ ସମାଜବାଦୀ ଆନ୍ଦୋଳନ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ପଡ଼ିବ ବୋଲି ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଶେଷରେ ଯୁବନେତା ରୀତେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ସତ୍ୟସାଇ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ

କଟକ (ପିଏନ୍): କଳାବିକାଶ କେନ୍ଦ୍ର ମାର୍ଗସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟାଳୟରେ ୩୭ତମ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୪ଟି ଶିକ୍ଷଣୀୟ ପ୍ରକଳ୍ପ ସ୍ଥାନ ପାଇଥିଲା। 'ବିଜ୍ଞାନ ଓ ଆଧ୍ୟାତ୍ମିକତା' ଶୀର୍ଷକ ପ୍ରକଳ୍ପ ବିଜ୍ଞାନ ମେଳା କାର୍ଯ୍ୟକ୍ରମରେ ଶିକ୍ଷାବିତ, ସୁଲେଖିକା ତଥା ଶୈଳବାଳା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ରିଡର ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବିଜ୍ଞାନ ମେଳାର ଉଦ୍‌ଘାଟନ କରିଥିଲେ। ଶ୍ରୀ ସତ୍ୟସାଇ ବିଦ୍ୟାଳୟର ପରିଚାଳନା ବୋର୍ଡ଼ର ସଭାପତି ରମେଶ ଚିନ୍ନାରା ଓ ସମ୍ପାଦକ କୁମୁଦ ଚନ୍ଦ୍ର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ଅତିଥି ଭାବରେ ଷ୍ଟୁଆର୍ଟ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ସସ୍ମିତା ପତି ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଜନାର୍ଦ୍ଦନ ମିଶ୍ର, ଉପାଧ୍ୟକ୍ଷ ରଶ୍ମୀ ଷଡ଼ଙ୍ଗୀ, ବିଜ୍ଞାନ ଶିକ୍ଷୟିତ୍ରୀ ସ୍ମିତା ଦାସ, ଅନୁରାଧା ମିଶ୍ର, ତପସ୍ମିତା ଦାସ, ସୌମ୍ୟା ବେହେରା, ସ୍ୱର୍ଣ୍ଣଲତା ମିଶ୍ର, ଇନ୍ଦିରା ପ୍ରିୟଦର୍ଶିନୀ, ବରିଷ୍ଠ ଶିକ୍ଷକ ଦେବରଞ୍ଜନ ମିଶ୍ର, ମଦନ ମୋହନ ନାୟକ, ଗୋପାଳ ଚନ୍ଦ୍ର ବେହେରା, ତ୍ରିନାଥ ପାତ୍ର, ବିମଳ କୁମାର ମିଶ୍ର, ମନୋଜ କୁମାର ସାହୁ, ଅୟସକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ନିର୍ବାପିତ ପଥେ ପ୍ରାଚୀନତମ କଳା



ଭୁବନେଶ୍ୱର (ପିଏନ୍): ଭୁନାଟ୍ୟଶାଳାର ରୁମ୍‌ଝୁମ୍ ନୂପୁରର ନିକ୍ୱଣ ନୀରବି ବାକୁ ବସିଲାଣି। କେନ୍ଦେରା ଗୀତର ଭଜକୁ ରାମ ନାମରେ ଗୋବିନ୍ଦ....ର କରୁଣ ସ୍ୱରର ମୂର୍ଚ୍ଛନା ଆଉ ଆଗପରି ଶୁଭୁନି। ପିଢ଼ୀ ପିଢ଼ୀର ନିଜ ଜନ୍ମ ଗାଁ ମାଟିର ମେଲଣ ପଡ଼ିଆରେ ଆଉ ପାଲାଗାୟକଙ୍କ ଝାଞ୍ଜ ଖୋଳର ଶବ୍ଦ ବି ଆଉ ଶୁଭୁନି। ଗାଁ ମୁଣ୍ଡର ତେଲ ଦୀପର ବଇଠି ପାଖର ଭାଗବତ ପଢ଼ା କାଁ ଭାଁ କେଉଁଠି କି ଛାଡ଼ିଦେଲେ ଆଉ କାନରେ ପଡୁନି। ସମୟ ଓ ରୁଚି ସତେ ଯେପରି ସବୁକିଛିକୁ ବଦଳି ନେଇଯାଇଛି। ସାଇବର ପାଖରେ ଚାଟିଂର ଭିଡ଼ ଓ ଟେଲିଭିଜନର ରିଅଲିଟି ସୋ ଭିତରେ ପରିବର୍ତ୍ତିତ ଏହି ସମୟ ଯେପରି ଲୋକ କଳାକୁ ପୋଛି ନେଇଯାଇଛି। କଳାସମୃଦ୍ଧ ଓଡ଼ିଶାର ଲୋକକଳା କେବଳ ମନୋରଞ୍ଜନ ନୁହେଁ ବରଂ ଖାଣ୍ଟି ଓଡ଼ିଆ ଜନଜୀବନର ସୁଖଦୁଃଖ ଓ ସାମାଜିକ ସମସ୍ୟା ତଥା ଚଳଣିର ଥିଲା ଜୀବନ୍ତ ପ୍ରତିବିମ୍ବ ହେଲେ ଆଉ ନାହିଁ ସେ ଦିନ। ଗଞ୍ଜାମ ଜିଲ୍ଲାର ବାଘନାଚ ହେଉଛି ବେଶ୍ ପ୍ରସିଦ୍ଧ। ମୁଣ୍ଡରେ ବାଘର ମୁଖା ପିନ୍ଧି ଶବରବେଶୀ କଳାକାରମାନେ ବେଶ୍ ଚିତ୍ତାକର୍ଷକ ଭାବରେ ବାଘ ଶିକାରର ଅଭିନୟ କରିଥାନ୍ତି। ଏହାକୁ ଯଦିଓ ପ୍ରାୟତଃ ଆଦିବାସୀ ନୃତ୍ୟ ବୋଲି କୁହାଯାଏ କିନ୍ତୁ ଏଥିରେ ଚାଙ୍ଗୁବାଦ୍ୟ ସହ ଲୁପ୍ତପ୍ରାୟ ଶିକାର ବାଦ୍ୟ ବାଦନ କରାଯାଇଥାଏ। କିନ୍ତୁ ଆଉ ପୁରୁଣା ଦିନ ନାହିଁ କି ଏହାକୁ ଖୋଜୁଥିବା ଲୋକ ବି ଆଉ ନାହାନ୍ତି କେବଳ ବାଘନାଚ ନୁହେଁ ଗଞ୍ଜାମର ବାରମାସୀ ଦଣ୍ଡ ହେଉ ବା ଘଟକଳସୀ ନାଚ କିମ୍ବା ଦାସକାଠିଆ ବା ପ୍ରହ୍ଲାଦ ନାଟକ। ଲୋକକଳାର ଏକ୍ତିଡ଼ିଶାଳ କୁହାଯାଉଥିବା ଗଞ୍ଜାମ ଜିଲ୍ଲାର ଏହି ଲୁପ୍ତପ୍ରାୟ କଳା ପ୍ରଥମେ ରାଜାରାଜୁଡ଼ାଙ୍କ ପୃଷ୍ଠପୋଷକତା ପାଉଥିଲା। ବର୍ତ୍ତମାନ ଆଗଭଳି ଆଦର ନଥିବାରୁ କଳାକାରଟି ନିରୁତ୍ସାହିତ ହେଉଛି। ରାଜ୍ୟର ପୁରପଲ୍ଲୀରେ ବେଶ୍ ଆଦର ପାଇଥିବା ଦାସକାଠିଆ ଏବେ ସମୟ ସୁଅରେ ହଜିବାକୁ ବି ବସିଲାଣି। କୁହାଯାଉଛି ଆଧୁନିକ ଯୁଗରେ ପାରମ୍ପରିକ ରାଗ, ଗୀତ, ଛନ୍ଦ ଓ ନୃତ୍ୟ ପ୍ରତି ଆଗ୍ରହର ଅଭାବ ରହୁଥିବାବେଳେ ଏହି ଲୋକନୃତ୍ୟକୁ ପେଷା କରି ବଞ୍ଚିପାରୁନି ଆଉ କଳାକାରଟି। ଯାହାଦ୍ୱାରା ଅଭିବ୍ୟକ୍ତ ଗଞ୍ଜାମ ଜିଲ୍ଲାର ବେଶ୍ ଲୋକପ୍ରିୟ ପ୍ରହ୍ଲାଦ ନାଟକ ନିଜ ଲୋକପ୍ରିୟତା ହରାଇବାକୁ ବସିଲାଣି। ସେହିପରି ସ୍ୱତନ୍ତ୍ର ମର୍ଯ୍ୟାଦା ପାଇଥିବା ଲୋକକଳାର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ ରାଧାକୃଷ୍ଣ ପ୍ରେମଲୀଳା ମଧ୍ୟ ମର୍ମୂଷୁ ଅବସ୍ଥାରେ ଏହା ଏକ ସଙ୍ଗୀତଧର୍ମୀ ନୃତ୍ୟନାଟିକା ହୋଇଥିବାରୁ ସଙ୍ଗୀତର ଗୁରୁତ୍ୱ ମଧ୍ୟ ଏଥିରେ ରହିଥାଏ। ଭକ୍ତି ରସାତ୍ମକ ଏହି ଲୋକନୃତ୍ୟ କେବଳ ଲୋକଙ୍କ ମନରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରେନି ବରଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ। ହେଲେ ସମୟର ଉଜାଣି ସୁଅରେ ହଜିଯାଇଥିବା ଏହି କଳା ଏବେ ନିଜେ ନିଜର ଇତିହାସ ପାଲଟିବାକୁ ଯାଉଛି। ଲୋକଚଳଣି ତଥା ଲୋକଭାବନାର ପରିବର୍ତ୍ତନ ଯୋଗୁଁ ଏହି ଲୋକନୃତ୍ୟର ସ୍ଥିତି ଉଦ୍‌ବେଗଜନକ। ତେବେ ରଣପା, ଘୁଡୁକୀ, ଭାରତଲୀଳା, ସଖୀନାଚ, ଯୋଡ଼ିଶଙ୍ଖ ଓ ପଶୁନୃତ୍ୟ ପରି କେତେକ ଲୋକନୃତ୍ୟ ଯାହା ବଞ୍ଚିରହି ନିଜ ଅସ୍ତିତ୍ୱ ପାଇଁ ସଂଗ୍ରାମ କରିଚାଲୁଛନ୍ତି। ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନିଜ ରାଜ୍ୟରେ ଏହା ମୃତପ୍ରାୟ ସ୍ଥିତିରେ ଥିଲେ ବି ରାଜ୍ୟ ବାହାରେ ଏପରିକି ବିଦେଶରେ ଏହା ବେଶ୍ ଲୋକପ୍ରିୟ। ପଶ୍ଚିମ ଓଡ଼ିଶାର ଡାଲ୍‌ଖାଇକୁ କିଏ ବା ଭୁଲିପାରିବ ? ପଶ୍ଚିମ ଓଡ଼ିଶାର ଲୋକଜୀବନରେ ପରମ୍ପରାର କାଳରୁ ବଜାଇ ଆସିଥିବା ଡାଲଖାଇ ହେଉଛି ଗୀତ ଓ ଲୋକନୃତ୍ୟର ଏକ ସମ୍ମିଳିତ ପରମ୍ପରା। ତେବେ ସମୟର ସ୍ରୋତ ଏହି ବିରଳ ନୃତ୍ୟକୁ ହଜାଇବାକୁ ବସିଥିଲା ସମୟରେ ଏହି ଡାଲ୍‌ଖାଇର ନୃତ୍ୟ ଓ ଗୀତକୁ ଏହାର କଳାକାରମାନେ କେବଳ ମଞ୍ଚ ଓ ଉତ୍ସବରେ ଯାହା ବଞ୍ଚାଇ ରଖିବାପାଇଁ ସଂଗ୍ରାମ କରିଚାଲିଛନ୍ତି। କୁହାଯାଏ ପରମ୍ପରା ସମୟ ଓ ସଭ୍ୟତାର ପ୍ରବାହରେ ଏହା ହଜିଯାଇଛି। ସେହିପରି କଳାହାଣ୍ଡିର ଘୁମୁରା ହେଉଛି ଏକ ଯୁଦ୍ଧ ବାଦ୍ୟ। ରାଜତନ୍ତ୍ରର ବିଲୟ ପରେ ଯୁଦ୍ଧବାଦ୍ୟ ମଧ୍ୟ ଏକପ୍ରକାର ନୀରବି ଯାଇଛି। ଏହି ରଣବାଦ୍ୟ ଯଥାର୍ଥରେ ଗଣବାଦ୍ୟର ପରିଚୟ ସୃଷ୍ଟି କରିପାରିଛି। ଘୁମୁରା ନାଚର ତାଳେ ତାଳେ କଳାକାରମାନେ ନିଜ ପୂର୍ବସୁରୀଙ୍କ ପରମ୍ପରା, ସଂସ୍କୃତି ଓ ଐତିହ୍ୟର ସ୍ମୃତିକୁ ଉଜ୍ଜୀବିତ କରିଥାନ୍ତି। ଓଡ଼ିଶାର ଲୋକକଳାରେ ଆଦିବାସୀ ବାଦ୍ୟ ଓ ନୃତ୍ୟର ସ୍ଥାନ ସ୍ୱତନ୍ତ୍ର। ପତରସୌରା, ଧୁଡୁକି, ଶିଙ୍ଗବାଦ୍ୟ ସହ ତୁଙ୍ଗତୁଙ୍ଗା ଓ କେଳାକେଲୁଣୀ ଏବେ ହଜିବାକୁ ବି ବସିଲାଣି। କୋରାପୁଟ ଜିଲ୍ଲାର ଦୁରୁଆ ସମ୍ପ୍ରଦାୟର ଏହି ଶିଙ୍ଗବାଦ୍ୟ ସମୟ ସ୍ରୋତରେ ହଜିଗଲାଣି। ସେହିପରି ପରଜା ସମ୍ପ୍ରଦାୟର ପାରମ୍ପରିକ ତୁଙ୍ଗତୁଙ୍ଗା ବାଦ୍ୟ ଜନମାନସରେ ଯେଉଁ ଆଦୃତି ପାଇଥିଲା ତାହା ଏବେ ବଞ୍ଚାଇ ରଖିବା ପାଇଁ ସଂଘର୍ଷ କରୁଛି। କେନ୍ଦୁଝର ଜିଲ୍ଲାର କେଣ୍ଟେଇ ନାଚ ହେଉଛି କୋମଳ କଣ୍ଠରେ ରାଣୀଙ୍କ ବୀଣଜିଣା ରାଗୀଣର ଅପୂର୍ବ ସମାହାର। ହଜାର ହଜାର ବର୍ଷ ତଳର ପ୍ରାଚୀନ ଲୋକକଳାର ଏହି କଣ୍ଟେଇ ନାଚ ଏବେ ନିଜ ଲୋକପ୍ରିୟତା ହରାଇଲାଣି। ଆଧୁନିକ ସଭ୍ୟତାର କୋଳାହଳ ଭିତରେ ଆଜି ହଜିଯାଇଛି କଣ୍ଟେଇନାଚ। ପୁନରୁଦ୍ଧାର ପାଇଁ ଏହାର ପ୍ରୋତ୍ସାହନ ନାହିଁ। ତେବେ ଅବକ୍ଷୟମୁଖୀ ଲୋକକଳାର ପୁନରୁଦ୍ଧାର ପାଇଁ ଯୁଗ ରୁଚିର ପରିବର୍ତ୍ତନ ଜରୁରୀ। ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ପରିଚିତ ଉତ୍କଳର ଏହି ଲୋକକଳା ଯେ ନିଜ ଜାତିର ପରିଚୟ ଏହାକୁ ଭୁଲିବା ଅନୁଚିତ। ପରିବର୍ତ୍ତିତ ଜୀବନ ଶୈଳୀ ଭିତରେ ଏହି ଲୋକକଳା ପ୍ରତି ଆଦର ନରଖିଲେ ଏହା ସବୁ ଯେ ଦିନେ ସମାଧି ନପାଇବ ସମ୍ଭବତଃ ସେ ସମୟ ଆଉ ବେଶୀ ଦୂର ନୁହେଁ !!

**(ସୌଜନ୍ୟ: ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଉଦୟଗିରି, ଯାଜପୁର)**

# କ୍ୟାନସରର ଭୟାବହତା ଓ ହେପାଟାଇଟିସ୍ ସଂକ୍ରମଣ



ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ। ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ। ଯାହାକୁ ଯକୃତ ପ୍ରଦାହ କୁହାଯାଏ। ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ। ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦୁରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି ହୋଇପାରେ। ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ। ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଏହି ଭୂତାଣୁ ଦ୍ୱାରା ଅନ୍ୟଲୋକମାନେ ମଧ୍ୟ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ। ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣ ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି। ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି। ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ। କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି। ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ। ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ। ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ। ହେପାଟାଇଟିସ୍ 'ବି' ଏଡ଼୍ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଭାରତରେ ଏଡ଼୍ସ ଯୋଗୁଁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି। ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି। ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି। ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି। ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍‌ନିସିଆନ୍ ଏବଂ ରକ୍ତ ଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା। ସମଲିଙ୍ଗ ସଂଗମ ପ୍ରୟାସୀ (ହୋମୋସେକ୍‌ସୁଆଲ୍), ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍‌ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବିତ ରହିଛି। ଥାଲାସିମିଆ ଓ ହିମୋଫିଲିଆ ରୋଗୀମାନେ ମଧ୍ୟ ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ଏଥିରେ ଆକ୍ରାନ୍ତ ହୁଅନ୍ତି। ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ। ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ। ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ। ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ। ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବ। ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର୍, ଓ ଟେନୋଫୋଭିର୍ ମୁଖ୍ୟ। ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା ଏହା କେବଳ ଟୀକା ଦ୍ୱାରା ସମ୍ଭବ। ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ। ଅଭିଜ୍ଞ ହେପାଟୋଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ର୍‍ୟାଗିଂ ଓ ଛାତ୍ରସମାଜ



ଭୁବନେଶ୍ୱର (ପିଏନ୍): କେରଳର ଏକ କ୍ରୀଡ଼ା ଛାତ୍ରୀନିବାସରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିବା ଓ ୩ଜଣ ଆତ୍ମହତ୍ୟା ଉଦ୍ୟମରୁ ବର୍ତ୍ତିଯାଇ ମେଡ଼ିକାଲରେ ମୃତ୍ୟୁ ସହିତ ସଂଗ୍ରାମ କରିବା ଘଟଣା କ୍ରୀଡ଼ା କ୍ଷେତ୍ରର ପ୍ରଶାସନିକ ଦୁର୍ବଳତାକୁ ସାମ୍ନାକୁ ଆଣିଛି। ଉପର ଶ୍ରେଣୀର ଛାତ୍ରୀଙ୍କ ଅତ୍ୟାଚାର ସହିନପାରି ଏମାନେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ବୋଲି ଜଣାପଡ଼ିଛି। ଯାହାକୁ ଆମେ ଶିକ୍ଷା ଜଗତ ଭାଷାରେ ର୍‍ୟାଗିଂ ବୋଲି କହୁଛେ। ଯୁଗର ଦ୍ରୁତ ପରିବର୍ତ୍ତନ ଘଟୁଛି। ପାଶ୍ଚାତ୍ୟ ସଂସ୍କୃତି ଦେଶ ମଧ୍ୟକୁ ଖୁବ୍ ଜୋରରେ ପ୍ରବେଶ କରୁଛି। ଭାରତୀୟ ସଂସ୍କୃତି, ପର୍ବ ପର୍ବାଣୀ ବିଷୟରେ ଆଜିର ଯୁବ ପିଢ଼ୀ ବିଶେଷ ଅବଗତ ହୋଇପାରୁନାହାନ୍ତି। ମାତ୍ର ପାଶ୍ଚାତ୍ୟ ଜଗତର କିଛି ଚଳଣିକୁ ଅନୁକରଣ କରାଯାଉଛି। ଯେପରିକି ର୍‍ୟାଗିଂ। ର୍‍ୟାଗିଂ ଭାରତୀୟ ଶିକ୍ଷା ଜଗତର ଅଂଶ ନୁହେଁ। ଏହା ପାଶ୍ଚାତ୍ୟ ଜଗତରୁ ଅନୁକରଣ କରାଯାଇଛି। ବିଶେଷକରି ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଏହାର ମାତ୍ରା ଅଧିକ। ତଥ୍ୟ ଅନୁଯାୟୀ ୨୦୦୨-୨୦୧୨ଏହି ୧୦ ବର୍ଷ ମଧ୍ୟରେ ର୍‍ୟାଗିଂ ପାଇଁ ଆମ ଦେଶରେ ୨୭ ଜଣ ଛାତ୍ରଛାତ୍ରୀଙ୍କ ଜୀବନ ଯାଇସାରିଲାଣି। ଏମାନଙ୍କ ଡାକ୍ତରୀ, ଇଂଜିନିୟରିଂ ଛାତ୍ରଛାତ୍ରୀ ସଂଖ୍ୟା ଅଧିକ। ସୁପ୍ରିମକୋର୍ଟ ୨୦୦୯ ମସିହାରେ ର୍‍ୟାଗିଂ ରୋକିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗକୁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାଫଳରେ ଏକ ୱେବ୍‌ସାଇଟ ଓ ଦେୟ ମୁକ୍ତ ଟେଲିଫୋନ୍ ନମ୍ବର ପ୍ରଚଳନ କରାଯାଇଥିଲା। ର୍‍ୟାଗିଂ ସମ୍ପର୍କରେ ଏହି ନିଶୁଳ୍କ ଟେଲିଫୋନ୍ ନମ୍ବର ୧୮୦୦୧୮୦୫୫୨୨ରେ ଅଭିଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଏହି ୱେବ୍‌ସାଇଟକୁ ୧୬୧୩ଟି ଅଭିଯୋଗ ଆସିଥିଲା ବେଳେ ୧୪୫୭ଟିର ଫଇସଲା ହୋଇସାରିଛି। ୧୫୬ଟି ଅଭିଯୋଗର ଶୁଣାଣି ନହୋଇ ପଡ଼ିରହିଛି। ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୨୯୪, ୩୨୩, ୩୨୪, ୩୨୫, ୩୨୬, ୩୩୯, ୩୪୦, ୩୪୧, ୩୪୨ ଓ ୫୦୬ରେ ଛାତ୍ରଛାତ୍ରୀ ର୍‍ୟାଗିଂ ବିରୋଧରେ ଅଭିଯୋଗ କରିପାରିବେ। ଏଥିସହିତ ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ ଏଜୁକେସନ୍ ଓ ମେଡ଼ିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ମଧ୍ୟ ର୍‍ୟାଗିଂ ରୋକିବାକୁ ନିଜର ସ୍ୱତନ୍ତ୍ର ନୀତି କରିଛନ୍ତି। ବିଭିନ୍ନ ରାଜ୍ୟ ମଧ୍ୟ ର୍‍ୟାଗିଂ ରୋକିବାକୁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଚଣ୍ଡୀଗଡ଼, ତ୍ରିପୁରା, ତାମିଲନାଡୁ, ଆସାମ, କେରଳ, ପଶ୍ଚିମବଙ୍ଗ, ଗୋଆ ଓ ଜାମ୍ମୁ-କାଶ୍ମୀର ଅନ୍ୟତମ। ଅନ୍ୟ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ର୍‍ୟାଗିଂ ବିରୋଧରେ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମ ଲେଖା ପ୍ରକ୍ରିୟା ଚାଲିଛି। ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଟିଏ ଅନେକ ସ୍ୱପ୍ନ ନେଇ ଉପର ଶ୍ରେଣୀରେ ନାମ ଲେଖାଇଥାଏ। ମାତ୍ର ର୍‍ୟାଗିଂ ସେହି ମେଧାବୀ ଛାତ୍ର ବା ଛାତ୍ରୀଟିର ସ୍ୱପ୍ନକୁ ଧୂଳିସାତ୍ କରିଦେଉଛି। ର୍‍ୟାଗିଂ କବଳରେ ପଡ଼ି ଅନେକ ନିରୀହ ଛାତ୍ରଛାତ୍ରୀଙ୍କ ଜୀବନ ଯାଉଛି। ବଜାରୀକରଣ ଫଳରେ ବିଶ୍ୱ ବର୍ତ୍ତମାନ ଏକ ଗ୍ରାମରେ ପରିଣତ ହୋଇଛି। ଇଣ୍ଟରନେଟ୍ ବିଶ୍ୱକୁ ଗୋଟିଏ ସୂତାରେ ବାନ୍ଧି ରଖିଛି। ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ବ୍ୟବସ୍ଥାର ଏପରି ଦ୍ରୁତ ବିକାଶ ଫଳରେ ବିଶ୍ୱର ଗୋଟିଏ କୋଣରେ ଘଟୁଥିବା ଯେ କୌଣସି ଘଟଣା ତତ୍‌କ୍ଷଣାତ ଅନ୍ୟ କୋଣରେ ପହଞ୍ଚିଯାଉଛି। ଯଦି ଆମେରିକାରେ କୌଣସି ବିଶେଷ ଘଟଣା ଘଟିଲା, ମାତ୍ର ପାଞ୍ଚ ମିନିଟ୍ ମଧ୍ୟରେ ସମଗ୍ର ବିଶ୍ୱବାସୀ ସେ ସମ୍ପର୍କରେ ଅବଗତ ହୋଇପାରୁଛନ୍ତି। ତେଣୁ ର୍‍ୟାଗିଂ ସମ୍ପର୍କରେ ନୂଆ ନୂଆ କୌଶଳ ଆପଣେଇ ଛାତ୍ରଛାତ୍ରୀ ନିଜ ସହପାଠୀ ବା କନିଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଜୀବନ ନେଉଛନ୍ତି। କେରଳ କ୍ରୀଡ଼ା ଛାତ୍ରୀନିବାସର ଏହି ଦୁଃଖଦ ଘଟଣା ଆମକୁ ଗୋଟିଏ କଥା ଶିକ୍ଷା ଦେଉଛି ଯେ, ର୍‍ୟାଗିଂ ସାମୟିକ ବିକୃତିର ଫଳ। ଲାଜକୁଳା ସ୍ୱଭାବର ପିଲାମାନଙ୍କୁ ଆଧୁନିକତାର ପାଠ ପଢ଼ାଇବାକୁ ଯାଇ ଉପର ଶ୍ରେଣୀର ଛାତ୍ରଛାତ୍ରୀମାନେ ର୍‍ୟାଗିଂ ନାମରେ ଯେଉଁ ଅମାନବୀୟ, ଅଶ୍ଳୀଳ ଓ ଶରୀର ପ୍ରତି କ୍ଷତିକାରକ କାର୍ଯ୍ୟ କରିଥାନ୍ତି, ତାହା କେବଳ ଶିକ୍ଷାନୁଷ୍ଠାନର ପବିତ୍ରତାକୁ ନଷ୍ଟ କରେ ନାହିଁ, ବରଂ ଛାତ୍ରଛାତ୍ରୀଙ୍କୁ ଅନେକ କ୍ଷେତ୍ରରେ ଜୀବନ ଦେବାକୁ ପଡ଼ିଥାଏ। ର୍‍ୟାଗିଂ କବଳରୁ ବର୍ତ୍ତି ଯାଇଥିବା ଅନେକ ଛାତ୍ରଛାତ୍ରୀ ସାରା ଜୀବନ ମାନସିକ କ୍ଷତିର ଶିକାର ହୋଇ ବଞ୍ଚିଥାନ୍ତି। ଅନେକ କ୍ଷେତ୍ରରେ ର୍‍ୟାଗିଂ ପାଇଁ ଛାତ୍ରଛାତ୍ରୀ ପାଠ ପଢ଼ା ଛାଡ଼ିଥିବା ଘଟଣା ଦେଖାଯାଇଛି। ପରସ୍ପର ସମ୍ପର୍କରେ ଅବଗତ ହେବା ଓ ଭାବ ବିନିମୟ ପାଇଁ ଆନୁଷ୍ଠାନିକ ସ୍ୱାଗତ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ପରସ୍ପର ବନ୍ଧୁ କରିବାକୁ ର୍‍ୟାଗିଂ ନାମକ ପ୍ରଥାଟି ଆରମ୍ଭ ହୋଇଥିବା ଅନୁମାନ କରାଯାଉଛି। ମାତ୍ର ଏହା ଏବେ ଛାତ୍ରଛାତ୍ରୀଙ୍କ ପାଇଁ ଘାତକସିଦ୍ଧ ହୋଇଛି। ତେଣୁ ଏହି ସ୍ତମ୍ଭ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅନୁରୋଧ, କେରଳ ଛାତ୍ରୀନିବାସ ଭଳି ଘଟଣା ଘଟିବାକୁ ଆଉ ଦିଅନଯାଉ। ଛାତ୍ର ଜୀବନର ପବିତ୍ରତାକୁ ଗୁରୁତ୍ୱ ଦେଇ ନିଜର ସ୍ୱପ୍ନ. ଆଶା, ଅଭିଳାଷକୁ ପୂରଣ କରିବା ସହିତ ବାପାମାଆଙ୍କ ଆଶା, ଆକାଂକ୍ଷାକୁ ସଫଳ କରି ନିଜର ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ଛାତ୍ରଛାତ୍ରୀମାନେ ନିଜ ଜୀବନର ବ୍ରତ କରନ୍ତୁ।

**(ସୌଜନ୍ୟ: ଯୁଧିଷ୍ଠିର ମହାରଣା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୧୬୩୫୨୮)**




# ଦୁର୍ଗାମାଧବ ଜୁଏଲର୍ସର ସିଜନ ୩ ଉତ୍ସବ




କେନ୍ଦ୍ରାପଡା (ପିଏନ)- କେନ୍ଦ୍ରାପଡା ସହରର ନୂଆବସଷ୍ଟାଣ୍ଡ ସ୍ଥିତ ଦୁର୍ଗାମାଧବ ଜୁଏଲର୍ସର ସିଜନ - ୩ ଉତ୍ସବ ଅବସରରେ ତା'ର ଶତାଧିକ ଗ୍ରାହକମାନଙ୍କୁ ନେଇ ସ୍ଥାନୀୟ ଗରାପୁରସ୍ଥିତ ସ୍ୱୟଂସିଦ୍ଧା ମଣ୍ଡପରେ ଶନିବାର ସଂନ୍ଧ୍ୟାରେ ଓପନ ସିଜନ - ୩ କୋନ ବନେଗା ଲକ୍ଷପତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଦୁର୍ଗାମାଧବ ଜୁଏଲର୍ସରୁ ସୁନା ଗହଣା କିଣି କୁପନ ପାଇଥିବା ଗ୍ରାହକମାନଙ୍କ ନିମନ୍ତେ ସେହି କୁପନ ଗୁଡିକୁ ନେଇ ଏକ ଲକି ଡ୍ର ଉଠାଣ ହୋଇଥିଲା । ସେହି ଲକି ଡ୍ର ମାଧ୍ୟମରେ ପ୍ରଥମ ପୁରସ୍କାର ବିଜେତା ଯାଜପୁର ଜିଲ୍ଲାର ଗମ୍ଭଁ ଗ୍ରାମର ପ୍ରୀତିରଞ୍ଜନ ପରିଡାଙ୍କୁ ଏକଲକ୍ଷ ଟଙ୍କାର ଚେକ ଦୁର୍ଗାମାଧବ ଜୁଏଲର୍ସର ମାଲିକ ବସନ୍ତ କୁମାର ସାହୁଙ୍କ ମା" ସରସ୍ୱତୀ ସାହୁ ପ୍ରଦାନ କରିଥିଲେ । ସେହିପରି ଦ୍ୱିତୀୟ ବିଜେତା ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଂଚାୟତର ବିରନିଳକଣ୍ଠପୁର ଗ୍ରାମର ଚିନ୍ମୟୀ ପଣ୍ଡାଙ୍କୁ ୩୨"ଇଂଚ ଏଲ.ଇ.ଡି. ଟିଭି ପ୍ରଦାନ କରାଯାଇଥିବା ବେଳେ ତୃତୀୟ ବିଜେତା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରାର ରଜନୀକାନ୍ତ ମଲ୍ଲିକଙ୍କୁ ରେଫ୍ରିଜିରେଟର ପ୍ରଦାନ କରାଯାଇଥିଲା । ଏଥିସହିତ ଲକି ଡ୍ର ଦ୍ୱାରା ୧୭ଜଣ ଗ୍ରାହକଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ଭାବେ ୪ହଜାର ଟଙ୍କାର ଗିଫ୍ଟ ଓ ୧୦ଜଣ ଗ୍ରାହକଙ୍କୁ ୧୦ଟି ନିଶ୍ଚିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଦୁର୍ଗାମାଧବ ଜୁଏଲର୍ସରୁ ସୁନାଗହଣା କିଣି ମୁଖ୍ୟ ଆକର୍ଷଣ ୧୫ହଜାର ପଏଁଟ ହାସଲ କରି କଜଳାର ରାଜକିଶୋର ସାହୁ ୧୫ଗ୍ରାମ ଓଜନର ସୁନା କଏନ ଜିତିଥିବା ବେଳେ ୧୦ହଜାର ପଏଁଟ ହାସଲକରି ପଟ୍ଟାମୁଣ୍ଡାଇର ଦୀପକ କୁମାର ସାହୁ ୧୦ଗ୍ରାମ ଓଜନର ସୁନା କଏନ ଜିତିଥିଲେ । ଏହି କାର୍ଯ୍ୟକ୍ରମକୁ ଦୁର୍ଗାମାଧବ ଜୁଏଲର୍ସର ପ୍ରଶାନ୍ତ କୁମାର ସାହୁ, ଶ୍ରୀକାନ୍ତ କୁମାର ସାହୁ, ଜୟନ୍ତ କୁମାର ସାହୁ, ହେମନ୍ତ କୁମାର ସାହୁ ଓ ବସନ୍ତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଏହି ଉପଲକ୍ଷେ କଟକ ଝାଞ୍ଜିରମଙ୍ଗଳାସ୍ଥିତ ରକଷ୍ଟାର ଅର୍କେଷ୍ଟା ର କଳାକାର ମାନସୀ ସାହୁ, ସୌମ୍ୟା ଦାସ, ଶାନ୍ତନୁ ପଣ୍ଡା ପ୍ରମୁଖ ସାଂସ୍କୃତିକ ବିଚିତ୍ରା ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଦେଇଥିବା ବେଳେ ଘୋଷକ ଭାବେ ଉମାକାନ୍ତ ଜେନା ଓ ସୁଦିପ୍ତା କରଙ୍କ ଆକର୍ଷଣୀୟ ମଂଚ ପରିଚାଳନା ସମସ୍ତଙ୍କୁ ଏକ ନୂତନ ଉନ୍ମାଦନା ପ୍ରଦାନ କରିଥିଲା । ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ଚିତରଞ୍ଜନ ଦାସ, ଜୀବନ କୁମାର ସିଂ, ଦୁର୍ଯ୍ୟୋଧନ ଜେନା, ମନୋଜ କୁମାର ସ୍ୱାଇଁ, ସନ୍ତୋଷ କୁମାର ପଣ୍ଡା, ବିରେନ କୁମାର ଦାସ ପ୍ରମୁଖ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ବୀତରଣ କରିଥିଲେ ।

# କୁଲିଆତୁଲ ବନାତ ରବେୟା ବସରିଆର ୬ଷ୍ଠ ଜସନେ ରିଦାୟେ ଫାରେଗା ଉତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡା (ପିଏନ): କେନ୍ଦ୍ରାପଡା ବ୍ଲକ ଅର୍ନ୍ତଗତ ପଳସିଂହା ପଂଚାୟତର ବଉଳପଡା(ଦୋବନ୍ଧା) ଗ୍ରାମରେ ଅବସ୍ଥିତ କୁଲିଆତୁଲ ବନାତ ରବେୟା ବସରିଆର ୬ଷ୍ଠ ଜସନେ ରିଦାୟେ ଫାରେଗା ଉତ୍ସବ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସଭାରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ଅତିଥି ଭାବରେ ଯୋଗଦେଇ ଏହି ମୁସଲିମ ମଦ୍ରାସା ଶିକ୍ଷାନୁଷ୍ଠାନର ଉତରରୋତ୍ତର ଉନ୍ନତି କାମନା କରିବା ସହ ତାହାର ବିଭିନ୍ନ ସମସ୍ୟାକୁ ଖୁବଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ଯୋଗଦେଇ ନାରୀ ଶିକ୍ଷାର ଅଗ୍ରଗତି ନହେଲେ ସମାଜର ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି କହିଥିଲେ । ସାରା ଓଡିଶାରେ ଏକମାତ୍ର ମୁସଲମାନ ସଂପ୍ରଦାୟର ବାଳିକାମାନଙ୍କ ଶିକ୍ଷାଦାନ ନିମନ୍ତେ ଉଦ୍ଦିଷ୍ଟ ଏହି କୁଲିଆତୁଲ ବନାତ ରବେୟା ବସରିଆକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ । ମଦ୍ରାସା ପରିଚାଳନା କମିଟି ପକ୍ଷରୁ ଦାବି କରାଯାଇଥିବା ଛାତ୍ରୀନିବାସ,ଶ୍ରେଣୀ ଗୃହ ଓ ପାଚେରୀ ନିର୍ମାଣ ନିମନ୍ତେ କେନ୍ଦ୍ରାପଡା ବିଧାୟକ ଓ ସାଂସଦଙ୍କୁ ଅବଗତ କରାଯାଇ ଆବଶ୍ୟକ ସରକାରୀ ପାଣ୍ଠି ଯୋଗାଇ ଦିଆଯିବାର ବନ୍ଦୋବସ୍ତ କରାଯିବ ବୋଲି କହିଥିଲେ । ଅବସରପ୍ରାପ୍ତ ମଦ୍ରାସା ବୋର୍ଡର ସମ୍ପାଦକ ହାଜି ସୟଦ ଅତାମୁଦ୍ଦିନ ଯୋଗଦେଇ କହିଥିଲେ ଯେ ଅତିତରେ ମୁସଲମାନ ସଂପ୍ରଦାୟର ମହିଳା ବା ବାଳିକାମାନଙ୍କୁ ଶିକ୍ଷାଦାନରୁ ବଂଚିତ କରାଯାଉଥିଲା । ଏବେ କିନ୍ତୁ ସମୟ ବଦଳିଛି । ସେମାନଙ୍କୁ ଉପଯୁକ୍ତ ଶିକ୍ଷାଦାନ ନିମନ୍ତେ ଆମେ ସମସ୍ତ ମୁସଲମାନ ଭାଇମାନେ ଏକାଠି ହୋଇ ଆଗେଇଆସି ସହଯୋଗର ହାତ ବଢାଇବାକୁ ପଡିବ । ଏଥିନିମନ୍ତେ ସରକାରଙ୍କୁ ଆବଶ୍ୟକ ସହଯୋଗ ନିମନ୍ତେ ଆମେ ମିଳିତ ଭାବେ ନିବେଦନ କରିବା ଉଚିତ । ଅନ୍ୟମାନଙ୍କ ମଧ୍ୟରେ ସଂଖ୍ୟାଲଘୁ ନେତା ମୁକ୍ତାର ଖାଁ,ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା,ସୟଦ ଅକମଲ ଅଲ୍ଲୀ,ଅନୁଷ୍ଠାନର ମୁଖ୍ୟ ମୌଲାନା ଫକିରୁଦ୍ଦିନ ଆସୀ,ମୌଲାନା ତବରେଜ ଆଲମ ମିସବାହୀ,ମୌଲାନା ଜାକିର ହୋସେନ,ମୌଲାନା ହାଜି ଅବଦୁଲ ମଜିଦ ଖାଁ,ନାଜିବ ଆଲମ,ଇ.ବାହାଦୁର ରହେମାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଚଳିତବର୍ଷ ଏହି ଶିକ୍ଷାନୁଷ୍ଠାନରୁ ୧୨ଜଣ ଛାତ୍ରୀ ମୌଲବୀ ଶିକ୍ଷା (ମାଟ୍ରିକ)ସମାପ୍ତ କରିଥିବା ବେଳେ ୯ଜଣ ଛାତ୍ରୀ ଆଲିମା ଶିକ୍ଷା (ଗ୍ରାଜୁଏସନ)ସମାପ୍ତ କରିଥିବାରୁ ସେମାନଙ୍କୁ "ରେଦା"(ଦସ୍ତାର) ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ହରିୟାନାର ମୁଫତି ଆଲିମା ସମା ପରୱିନ, ଭୂବନେଶ୍ୱରର ମତଲୁବା ବେଗମ, ଭଦ୍ରକର ଆସମା ଖାତୁନ, କେନ୍ଦ୍ରାପଡାର ପରୱିନ ବାନୁ, ମୟୁରଭଞ୍ଜର ଖାଲିଦା ପରୱିନ, ଚାନ୍ଦବାଲି ମଲିସରାର ମଜମା ଖାତୁନ, ଯାଜପୁରର ସୟଦା ଫାତମା ଓ ଜଗତସିଂହପୁର ବାଲିବିଶିର କୁଲସୁମ ବେଗମ ପ୍ରମୁଖ ଯୋଗଦେଇ ଶିକ୍ଷା ସମାପ୍ତ କରିଥିବା କୃତି ଛାତ୍ରୀମାନଙ୍କୁ "ରେଦା" ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମିଲତ ଚାରିଟେବୁଲ କମିଟି ଓ ହୁସେନି ମଦତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ । ଅନ୍ୟ କାର୍ଯ୍ୟକ୍ରମରେ ବ୍ୟସ୍ତଥିବାରୁ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ବିଳମ୍ବରେ ପହଁଚି ଶିକ୍ଷାନୁଷ୍ଠାନ ବୁଲି ଦେଖିବା ସହିତ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ବେହେରାଙ୍କୁ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ବିଜୁକୃଷକ ଜନତା ଦଳ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର

କେନ୍ଦ୍ରାପଡା (ପିଏନ)-ବିଜୁ କୃଷକ ଜନତା ଦଳ ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତର କୋରୁଆ ଗ୍ରାମର ସାମବାବା ମଠ ପରିସରରେ କଟକର ଜେ.ପି.ଏମ.ରୋଟାରୀ କ୍ଲବ ସହାୟତାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିରର ରବିବାର ଆୟୋଜନ କରାଯାଇଥିଲା । ଏହି ଶିବିରକୁ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ମୁଖ୍ୟ ଅତିଥି ବାବେ ଯୋଗଦେଇ ଫିତାକାଟି ଉଦଘାଟନ କରିବା ସହିତ ଗ୍ରାମାଚଂଳର ଗରୀବ ଲୋକମାନଙ୍କୁ ଏଭଳି ଶିବିରର ଆୟୋଜନ ଦ୍ୱାରା ସେମାନଙ୍କ ପାଖରେ ଚିକିତ୍ସା ସୁବିଧା ଯୋଗାଇ ଦେଇଥିବା ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ । ଏହି ଶିବିରରେ ୨ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୧ଜଣଙ୍କୁ କଟକର ରୋଟାରୀ ଚକ୍ଷୁ ହସପିଟାଲରେ ଚକ୍ଷୁ ଅସ୍ତ୍ରୋପ୍ରଚାର କରାଯିବା ନିମନ୍ତେ ଏକ ବସ ଯୋଗେ କଟକ ନିଆଯାଇଥିଲା । ବିଜୁ କୃଷକ ଜନତା ଦଳର ଜିଲ୍ଲା ସଭାପତି ସୌମେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଓସ୍ତପୁର ସରପଂଚ, ସମିତିସଭ୍ୟ ପ୍ରସନ୍ନ କୁମାର ରାଉତ, କଂସାରର ଗଣେଶ୍ୱର ନାୟକ, ପୁରୁଷୋତ୍ତମପୁରରଗୌରାଙ୍ଗ ଲେଙ୍କା, ଗୋଲଖ ଚନ୍ଦ୍ର ପାଳ, ସଂଗ୍ରାମ ଦାସ, ଶ୍ରୀକାନ୍ତ କୁମାର ସାହୁ, ଅନିଲ ଦାସ, ଅଜୟ ଲେଙ୍କା ପ୍ରମୁଖ ପରିଚାଳନା କରିଥିବା ବେଳେ ଜେ.ପି.ଏମ.ରୋଟାରୀ କ୍ଲବ ପକ୍ଷରୁ ଟେକନିସିଆନ ସନ୍ଧ୍ୟାରାଣୀ ଦାସ, ଶିବିର ସଂଗଠକ ପରେଶ କୁମାର ସାହୁ, ନନ୍ଦିନୀ ନାୟକ, ଶକ୍ତିମୟୀ ଦାସ, ବିନୋଦିନି ଦାସ, ସୁଧାଂଶୁ ପଟ୍ଟନାୟକ ଓ ଆଲୋକ କୁମାର ବେହେରା ପ୍ରମୁଖ ଲୋକମାନଙ୍କ ଚକ୍ଷୁ ପରୀକ୍ଷା କରାଯିବାରେ ନିୟୋଜିତ ଥିଲେ ।

## ଟ୍ରାକ୍ଟର ଓଲଟି ୧ ମୃତ, ୩ ଆହତ

କେନ୍ଦୁଝର(ପିଏନ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ କନକନା ଗ୍ରାମରେ ଏକ ଧାନ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣକର ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି । ସୂଚନାରୁ ପ୍ରକାଶ ଯେ ଗତକାଲି ସଂନ୍ଧ୍ୟା ସମୟରେ ନିଜ ବିଲରୁ ଏକ ଟ୍ରାକ୍ଟର ଓଆର ୦୯ ଏଲ ୧୨୭୮ ମ୍ନମରେ ଧାନବୋଝେଇ କରି ଘରକୁ ନେଉଥିବା ସମୟରେ ଓଲଟି ପଡିଥିଲା ।

# କେନ୍ଦୁଝରର : ସମ୍ବିଧାନ ଦିବସ ପାଳିତ



କେନ୍ଦୁଝର, (ପିଏନ)- କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚଳିତ ନଭେମ୍ବର ୨୬ ତାରିଖ ମଙ୍ଗଳବାର ଦିନ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଦରବାର ହଲ୍‌ଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଠାକରେ ଉଦବୋଧନ ଛଳରେ ଭାରତୀୟ ସମ୍ବିଧାନର ମର୍ଯ୍ୟାଦା, ଗାରିମା ଅକ୍ଷୁର୍ଣ୍ଣ ରଖିବାକୁ ସମସ୍ତେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ସମ୍ବିଧାନ ଦିବସ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଆମ ସମ୍ବିଧାନ ବିଶ୍ୱର ସର୍ବ ବୃହତ ସମ୍ବିଧାନ ଏବଂ ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ ସମ୍ବିଧାନ ପ୍ରଣୟନ କରିଥିବା ମହାମନିଷୀମାନଙ୍କୁ ଗଭୀର ସମ୍ମାନ ଜଣାଇ ସେମାନଙ୍କର ଅବଦାନକୁ ଏ ଜାତି ଚିରକାଳ ମନେ ରଖିବ ବୋଲି କହିଥିଲେ । ଚିଠା କମିଟିର ଅଧିକ୍ଷ ଭାବରେ ଡଃ ବି.ଆର. ଆମ୍ବେଦରଙ୍କ ସମ୍ବିଧାନ ପ୍ରଣୟନ ପାଇଁ ତ୍ୟାଗ, ନିଷ୍ଠା ଓ ମହନୀୟ ଅବଦାନ ସଂପର୍କରେ ଆଲୋକପାତ କରି ତାଙ୍କର ଆଦର୍ଶ ସବୁବେଳେ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଆମର ସମ୍ବିଧାନ ଦେଶକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ କରିଛି ଏବଂ ଦେଶବାସୀଙ୍କୁ ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ପ୍ରଦାନ କରିଛି ଏବଂ ନାଗରିକମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ମନୋଭାବ ଜାଗ୍ରତ କରିବା ସହ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସନ୍ଦେଶ ପ୍ରଦାନ କରୁଛି ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ମୁଖବନ୍ଧ ହେଉଛି ଭାରତୀୟ ସମ୍ବିଧାନର ଆତ୍ମା । ଦେଶର ସଂସ୍କୃତି, ଐତିହ୍ୟ, ପରମ୍ପରା, ଜନଜୀବନ ଓ ଭୌଗଳିକ ସ୍ଥିତିକୁ ଆଧାର କରି ଆମ ଦେଶର ସମ୍ବିଧାନ ପ୍ରଣୟନ ହୋଇଛି । ଆମ ଦେଶର ଶାସନ ବ୍ୟବସ୍ଥାରେ ସମ୍ବିଧାନର ଅବଦାନ ଅନ୍ୟ ଦେଶ ପାଇଁ ଆଦର୍ଶ ପାଲଟିଛି ବୋଲି କହିଥିଲେ । ନାଗରିକ ମାନେ ସମ୍ବିଧାନ ପ୍ରଦତ ମୌଳିକ ଅଧିକାର ପ୍ରତିବଦଳରେ ଦେଶ ପ୍ରତି କର୍ତବ୍ୟ ସଂପାଦନ କଲେ ଭାରତୀୟ ସମ୍ବିଧାନ ଅଧିକ ଋଦ୍ଧିମନ୍ତ ହେବ ବୋଲି କହିଥିଲେ । ବକ୍ତା ଭାବେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ସନ୍ତୋଷ କୁମାର ନାୟକ ଏବଂ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ ବକ୍ତବ୍ୟ ପ୍ରଦାନ କରି ସମ୍ବିଧାନ ପ୍ରଣୟନର ପୃଷ୍ଠଭୂମି, ସମ୍ବିଧାନ ପ୍ରଣୟନ ସଭା ଗଠନ ସହିତ ସମ୍ବିଧାନ ପ୍ରଣୟନରେ ଚିଠା କମିଟିର ଅଧକ୍ଷ ଡଃ ଆମ୍ବେଦକରଙ୍କ ଭୂମିକା ସଂପର୍କରେ ଆଲୋକପାତ କରି ସମସ୍ତ ନାଗରିକ ସମ୍ବିଧାନ ପଢିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏତଦବ୍ୟତୀତ ଉତରପୀଢି ପାଇଁ ଆମ ସମ୍ବିଧାନର ଗାରିମା, ବିଶେଷତ୍ୱ ସଂପର୍କରେ ସଚେତନ କରାଇବା ଜରୁରୀ ବୋଲି କହିବା ସହିତ ଆମ ଗୌରବର ପ୍ରତୀକ ସମ୍ବିଧାନ ପ୍ରତି ସମସ୍ତଙ୍କର ପ୍ରତିବଦ୍ଧତା ରହିବା ଆବଶ୍ୟକ ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଅବଗତ କରାଇଥିଲେ ଏବଂ ସମାରୋହର ସଂଯୋଜନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଠାକରେ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରାଇଥିଲେ ।

## ଫ୍ରେଣ୍ଡ ଫର ଫାଉଣ୍ଡେସନର ବାର୍ଷିକ ଉତ୍ସବ

କେନ୍ଦୁଝର(ପିଏନ): ହାଟଡିହି ବ୍ଲକର ଶାଳଣିଆଁ ଭାଟିଆଶୁଣି ପଡ଼ିଆରେ ଫ୍ରେଣ୍ଡ ଫର ଫାଉଣ୍ଡେସନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଭୂତି ଭୂଷଣ ବେହେରା, ମୁଖ୍ୟ ବକ୍ତା ଭାବେ ଡ.ସଂଗ୍ରାମ କେଶରୀ ବ୍ରହ୍ମ ଉପସ୍ଥିତ ଥିଲେ । ଏହି ସମୟରେ ଫାଉଣ୍ଡେସନର ଉଦ୍ଦେଶ୍ୟ ଓ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ମାନବ ସେବା ହିଁ ମାଧବ ସେବା । ଗରିବ ଓ ଦୁଖୀ ଲୋକମାନଙ୍କର ଦୁଃଖ ସୁଖରେ ସାଥୀ ହେବା ନେଇ ଆଲୋଚନା କରାଯାଇଥିଲା । ଦିବ୍ୟ ରଂଜନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଇଶ୍ୱର କୁଅଁର, ଦୀପକ ମୁଖୀ, ଜିତେନ୍ଦ୍ର କୁଅଁର, ସତ୍ୟବ୍ରତ ବାରିକ, ଅଶୋକ ଦାସ, ବିପିନ କୁଅଁର, ମଇନା ଜେନା, ତପନ ସିଂ, ଆକାଶ ମୁଖି. ଲକ୍ଷ୍ମୀଧର, ଅଶ୍ୱିନୀ, ଶୁଭଜିତ, ନୀଳମଣି, ବିକାଶ, ଅନ୍ୟାନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ ।

## ଲକ୍ଷ୍ମୀନାରାୟଣ ସଂସ୍କୃତ ବିଦ୍ୟାପୀଠରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଂଟନ

କେନ୍ଦୁଝର(ପିଏନ): ହାଟଡିହି ବ୍ଲକ ପଢ଼ିଆରୀପଲ୍ଲୀ ପଂଚାୟତ ନିକଟବର୍ତ୍ତୀ ଲକ୍ଷ୍ମୀନାରାୟଣ ସଂସ୍କୃତ ବିଦ୍ୟାପୀଠରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଂଟନ କାର୍ଯ୍ୟକ୍ରମ କରାଯାଇଛି । ବିଦ୍ୟାପୀଠର ପ୍ରଧାନ ପଣ୍ଡିତ ନିରୂପମା ଶତପଥୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ଏହି ଆୟୋଜିତ କାର୍ଯ୍ୟକ୍ରମ ଉତ୍ସବରେ ଏସିବି ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରଟିଣା ପଂଚାୟତର ସରପଂଚ ସତ୍ୟାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ରସଭାପତି ସୁଧାଂଶୁ ଶେଖର ପାଢ଼ୀ, ବିଦ୍ୟାଳୟ କମିଟିର ଚେୟାରମେନ ମିନତୀ ଦେହୁରୀ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୋଷାକ ବଂଟନ କରାଯାଇଥିଲା । ସହକାରୀ ଶିକ୍ଷକ ଚିତରଂଜନ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ରବିନ୍ଦ୍ର ନାଥ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାପୀଠର ଗୋପୀନାଥ ଦ୍ୱିବେଦୀ , ଦାମୋଦର ଦିକ୍ଷିତ, ଶ୍ରୀଧର ବେହେରା, ବୁଦ୍ଧିମଣୀ ଶତପଥୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଏସିବି ଫାଉଣ୍ଡେସନର ପ୍ରତିଷ୍ଠାତାଙ୍କ ପକ୍ଷରୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା ।

## ସାପ୍ତାହିକ ହାଟରେ ଚାଷୀଙ୍କୁ ମାଡ ନେଇ ଉତେଜନା

କେନ୍ଦୁଝର(ପିଏନ): ଶାଳପଡା ସାପ୍ତାହିକ ହାଟରେ ଚାଷୀଙ୍କୁ ମାଡ ନେଇ ଉତେଜନା ଦେଖାଦେଇଛି । ସୂଚନା ଅନୁସାରେ ସ୍ଥାନୀୟ ଶାଳପଡା ସାପ୍ତାହିକ ହଙ୍କଳର ପରିବା ବିକ୍ରୀ କରିବାକୁ ଆସିଥିବା ହାତୀବନ୍ଧା ଗ୍ରାମର ଜଣେ ଚାଷୀଙ୍କୁ ସ୍ଥାନୀୟ ଅଂଚଳର ଜଣେ ଯୁବକ ମାଡ ମାରିଥିବା ଅଭିଯୋଗ ହୋଇଛି । ଅପରାହ୍ନ ୪ଟା ବେଳେ ହାତୀବନ୍ଧା ଗ୍ରାମର ନୃସିଂହ ଦାସ ହଙ୍କଳର ପରିବା ବିକ୍ରୀ କରିବାକୁ ଆଣିଥିଲେ । ସଂପୃକ୍ତ ଯୁବକ ତାଙ୍କୁ ବାଇଗଣ ଦର ପଚାରିଥିଲେ । ନୃସିଂହ ବାଇଗଣ କି.ଗ୍ରା. ୬୦ଟଙ୍କା ବୋଲି କହିବାରୁ ବାଇଗଣ ଦରକୁ ନେଇ ଉଭୟଙ୍କ ମ୍ଧରେ ବଚସା ହୋଇଥିଲା । ପରେ ଯୁବକ ଜଣକ ନୃସିଂହଙ୍କ ବାଇଗଣକୁ ଆଣି ରାସ୍ତାରେ ଫୋପାଡି ଦେବା ସହ ତାଙ୍କୁ ମାଡ ମାରିଥିଲେ । ଏହାକୁ କେନ୍ଦ୍ର କରି ସେଠାରେ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଥିଲା । ହାଟରେ କିଛି ଅସାମାଜିକ ବ୍ୟକ୍ତି ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି । ହଙ୍କଳର ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପୋଲିସ୍ ମୁତୟନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଗ୍ୟାସ୍ ପାଇପ୍ ଲିକ୍ ହୋଇ ୨ ବଖରା ଜଳିଗଲା

କେନ୍ଦୁଝର(ପିଏନ): ଆନନ୍ଦପୁର ବ୍ଲକ କଂଟିପାଳ ପଂଚାୟତ ଚର୍ମଦା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଘନଶ୍ୟାମ ପଲେଇଙ୍କ ଘରେ ରୋଷେଇ କରିବା ସମୟରେ ଗ୍ୟାସ୍ ପାଇପ୍ ଲିକ୍ ହୋଇ ୨ବଖରା ଘର ଅଧା ଜଳି ଯାଇଛି । ଗ୍ରାମବାସୀ ମିଶି ନିଆଁକୁ ଆୟତ କରିବା ସହ ଆନନ୍ଦପୁର ଦମକଳ ବାହିନୀକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ । ଗୋଟିଏ ଘରର ସବୁ ଜିନିଷ ପୋଡି ଯିବା ସଙ୍ଗେ ସଙ୍ଗେ ବୀରେନ୍ଦ୍ର ପଲେଇଙ୍କ ଦେହରେ କିଛି ଅଂଶ ପୋଡି ଯାଇଛି । ତାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତି କରାଯାଇଛି ।

## ସିଲଭର ଜୁବଲି ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର(ପିଏନ):ଝୁମ୍ପୁରା ବ୍ଲକ ବଡନେଉଳି ପଂଚାୟତ ସପ୍ତପୁରୀ ଉଚ୍ଚ ବିଦ୍ୟାଳୟର ପୁରୁଣା ପିଲାଙ୍କ ଆସୋସିଏସନ୍ ତରଫରୁ ନୂଆବର୍ଷରେ ସିଲଭର ଜୁବୁଲି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ଜାନୁୟାରୀ ମାସ ପାଳନ କରିବାକୁ ସ୍ଥିର ହେବା ସଙ୍ଗେ ସଙ୍ଗେ ଏହି ଅବସରରେ ମହାମହିମ ରାଜ୍ୟପାଳ ଏବଂ ଶିକ୍ଷା ବିଭାଗ କମିଶନ ଚିତ୍ର ଅରୁଣଗମ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# "ସମ୍ବିଧାନ ଦିବସ" ପାଳନ ଅବସରରେ ଶପଥ ଗ୍ରହଣ



ବାଲେଶ୍ୱର(ପିଏନ)-"ସମ୍ବିଧାନ ଦିବସ" ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟରେ ଆଜି ପୂର୍ବାହ୍ନ ୧୧ଘଟିକାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସ୍ୱାଧୀନତା ଲାଭ କରିବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସର୍ବସମ୍ମତି କ୍ରମେ ଭାରତୀୟ ସମ୍ବିଧାନକୁ ଗ୍ରହଣ କରାଯାଇଥିଲା । ଅତଏବ ୨୬ ନଭେମ୍ବରକୁ ସମଗ୍ର ଦେଶରେ ସମ୍ବିଧାନ ଦିବସ ଭାବେ ପାଳନ କରାଯାଇଆସୁଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ କାର୍ଯ୍ୟାଳୟରେ ଉପସ୍ଥିତ ସମସ୍ତଙ୍କୁ ଭାରତର ପ୍ରଭୁତା, ଏକତା ଓ ଅଖଣ୍ଡତା ରକ୍ଷା ସହିତ ଭାରତୀୟ ସମ୍ବିଧାନର ସୁରକ୍ଷା ଓ ଅନୁପାଳନ ସକାଶେ ସାମୂହିକ ଶପଥ ପାଠ କରାଇଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁଙ୍କ ସମେତ ପୁରୁଷୋତମ ସେଠୀ, ଚିତରଂଜନ ଦାସ, ରାହୁଲ ସିଂ, ମାଳତୀ କିସ୍କୁ ଓ ରବୀନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଭାରତୀୟ ସମ୍ବିଧାନର ସୁରକ୍ଷା ନିମନ୍ତେ ସଂକଳ୍ପବଦ୍ଧ ହୋଇଥିଲେ ।

# ସାମ୍ବାଦିକଙ୍କୁ ରାଜ୍ୟସ୍ତରୀୟ ସମ୍ବାଦ ଗୌରବ ସମ୍ମାନ ପ୍ରଦାନ



କେନ୍ଦୁଝର(ପିଏନ): ରାଜଧାନୀ କଳା ସଂସଦ ଠାରେ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ ତଥା ଅଗ୍ନିସ୍ଫୁଲିଙ୍ଗ ତରଫରୁ ଗତକାଲି ୪୩ତମ ରାଜ୍ୟସ୍ତରୀୟ କବି, ଲେଖକ, କଳାକାର, ସମାଜସେବା ସହିତ କବିତା ପାଠୋତ୍ସବ, ସଂକଳନ ଉନ୍ମୋଚନ ଏବଂ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତିର ପ୍ରାଣ ପ୍ରତିଷ୍ଠାତା ତଥା ଆବାହକ ଡକ୍ଟର ଶ୍ରୀଚନ୍ଦନ ମହାପାତ୍ର, ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି,ସ୍ତମ୍ଭକାର, ଲେଖକ, ପ୍ରବକ୍ତା, ସଂଗଠକ ତଥା ପୂର୍ବତନ ବିଧାୟକ ମନ୍ତ୍ରୀ ପ୍ରଶନ୍ନ ପାଟ୍ଟଶାଣୀ ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଡଃ. ହୁସେନ୍ ରବିଗାନ୍ଧୀ, ସମ୍ମାନୀତ ଅତିଥି ଭାବେ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ଲକ୍ଷବଚ୍ଚ ମୋହର, ପ୍ରେମାଞ୍ଜନ ପରିଡା ପ୍ରମୁଖ ଯୋଗଦାନ କରିଥିଲେ । ମଂଚ ପରିଚାଳନା କରିଥିଲେ ରୀତା ଅପରାଜିତା, ସୁଦର୍ଶନ ମହାପାତ୍ର, ସମୀର ପାଢୀ, ମମତା ବିଶ୍ୱାଳ, ସୁଜାତା ମିଶ୍ର, ମହେଶ୍ୱତା ଏବଂ ସୁଶାନ୍ତ । ଏହି ସାରସତ୍ୱ ସମାରୋହରେ ରାଜ୍ୟର ବହୁ ସୁନାମଧନ୍ୟ ବ୍ୟକ୍ତିତ୍ୱ ମାନଙ୍କୁ ତାଙ୍କର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପାଇଁ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ଢେଙ୍କିକୋଟ ସାମ୍ବାଦିକ ସଂଜୟ କୁମାର ସାହୁଙ୍କୁ ମାନପତ୍ର, ଉତୋରୀୟ ପ୍ରଦାନ କରି ତାଙ୍କୁ ମୁଖ୍ୟଅତିଥି ରାଜ୍ୟସ୍ତରୀୟ ସମ୍ବାଦ ଗୌରବ ସମ୍ମାନରେ ସମ୍ମାନୀତ କରିଥିଲେ । ତାଙ୍କର ସତ୍ୟ ସନ୍ଧାନୀ ସମ୍ବାଦ ସମେତ କବିତା, ସ୍ତମ୍ଭକାର ଏବଂ ସୁବକ୍ତା ପାଇଁ ସେ ରାଜ୍ୟର ବିଭିନ୍ନ ସ୍ଥାନରୁ ସମ୍ମାନୀତ ହୋଇଛନ୍ତି । ସାମ୍ବାଦିକ ଶ୍ରୀ ସାହୁଙ୍କୁ ରାଜ୍ୟ ଓଡିଶା ସାମ୍ବାଦିକ ସଂଘ, କେନ୍ଦୁଝର ଜିଲ୍ଲା ସାମ୍ବାଦିକ ସଂଘ ସମେତ ଘଟଗାଁ, ଢେଙ୍କିକୋଟ, ହରିଚନ୍ଦନପୁର ସାମ୍ବାଦିକ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।






ସମ୍ବିଧାନ ଦିବସ ଅବସରରେ ଗୋଟିଏ ମଞ୍ଚରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକସଭା ବାଚସ୍ପତି ଓମ ବିର୍ଲା ଏବଂ କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଷୀ

# ଆଧାର କାର୍ଡ ଲିଙ୍କକୁ ନେଇ ରାସନ କାର୍ଡଧାରୀ ହନ୍ତସନ୍ତ

କେନ୍ଦୁଝର(ପିଏନନ) : ଯୋଡା ବ୍ଲକ ଅଧିନରେ ଥିବା ଲୋଇଡାପଦା,ଭଦ୍ରାସାହି ଅଂଚଳର କିଛି ରାସନକାର୍ଡଧାରୀ ଆଧାରକାର୍ଡ ଲିଙ୍କ ନହେବା ସମସ୍ୟାକୁ ନେଇ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ଅଂଚଳର ରାସନକାର୍ଡ ଧାରୀ ମାନେ ପ୍ରାୟ ୫ ମାସରୁ ୬ ମାସ ହେବ ଅଧିକ ଖାଉଟି ମାନେ ଚାଉଳ ନପାଇ ହନ୍ତସନ୍ତ ହେଉଥିବା ସରକାରୀ ବିଦ୍ଧିବ୍ୟବସ୍ଥାର ଅପାରଗତାକୁ ପଦାରେ ପକାଇଛି । ଟାଳଟୁଳ ସରକାରୀ ନୀତିର ଶିକାର ହେଉଥିବା ଏ ଅଂଚଳର ହିତାଧିକାରୀ ମାନେ ନିଜର ସମସ୍ୟାକୁ ନେଇ ପଂଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିଜର ଦୁଃଖ ଜଣାଇବା ନିମନ୍ତେ ଦୌଡି ଦୌଡି ହତାଶ ହୋଇ ପଡିଥିବା ନେଇ ଦେଖିବାକୁ ମିଳିଛି । ସରକାରୀ ନିୟମ ଅନୁଯାୟୀ ଆଧାର କାର୍ଡ ସହ ରାସନ କାର୍ଡ ଲିଙ୍କ ସଂଯୋଗ ବାଧ୍ୟତାମୂଳକ ହେଉଥିବା ଯୋଗୁଁ ଆଧାର କାର୍ଡ ସହ ରାସନ କାର୍ଡ ଲିଙ୍କ ହୋଇନପାରିବା କାରଣରୁ ୫ ମାସରୁ ୬ ମାସ ସମୟ ଧରି ଚାଉଳ ପାଇବାରୁ ବଂଚିତ ହୋଇଥିବା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଦେଖିବାକୁ ଗଲେ ଗୋଟିଏ ପରିବାରରେ ଥିବା ସମସ୍ତ ରାସନକାର୍ଡ ଧାରୀ ଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କ ଆଧାରକାର୍ଡ ଲିଙ୍କ ହୋଇନପାରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ବାରମ୍ବାର ଅଭିଯୋଗ ପରେବି କୌଣସି ସୁଫଳ ନମିଳିବାରୁ ସୋମବାର ପୂର୍ବାହ୍ନରେ ଲୋଇଡାପଦା ପଂଚାୟତର ରୁଗୁଡିହୀ ଗ୍ରାମର ଗୋପି ମୁଣ୍ଡା,ପାଣ୍ଡୁରାୟ ମୁଣ୍ଡା,ବିନୋଦିନୀ ପତି,ଭଦ୍ରାସାହିର ମଙ୍ଗଳି ନାଏକ ପ୍ରମୁଖ ବ୍ଲକ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ପହଂଚ୍ ଥିଲେ ମଧ ଯୋଗାଣ ଅଧିକାରୀ ନଥିବା ହେତୁ ଫେରିଯାଇଥିଲେ । ଏନେଇ ଯୋଡା ବ୍ଲକ ଯୋଗାଣ ଅଧିକାରୀ ଜିତରାଇ ଟୁଡୁଙ୍କ ମତାମତ ନେଇଥିଲୁ ସେ କହିଥିଲେ ଭଦ୍ରାସାହି , ଲୋଇଡାପଦା. ଗୋଆଲି ଏମିତିକି ସେପଟ ଅଂଚଳର ଲୋକମାନେ ଠିକ ସମୟରେ ଆସି ଆଧାରକାର୍ଡ ସହିତ ରାଶନକାର୍ଡ ନମ୍ବର ଲିଙ୍କ କରାଇନଥିଲେ । ଏବେ ନଭେମ୍ବର ,ଡିସେମ୍ବର , ଜାନୁଆରୀ ମାସର ବ୍ଲକରେ ଲିଙ୍କ କରାହେଉଛି । ହିତାଧିକାରୀ ମାନଙ୍କର ଯଦି ଆଧାରକାର୍ଡ ସହିତ ରାସନ କାର୍ଡ ଲିଙ୍କ ହୋଇଯାଏ ତେବେ ହିତାଧିକାରୀ ମାନେ ରାସନ ସାମଗ୍ରୀ ପାଇବାରେ କୌଣସି ଅସୁବିଧା ହେବନାହିଁ ବୋଲି ସୂଚନା ଦେଇଥିଲେ ।

# ବସ୍ତାନି ବଦଳରେ ହାତରେ କୋଡିକୋଦାଲ, ଶିକ୍ଷାରୁ ବଂଚିତ ନାବାଳକ କିଶୋର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା କୋମନା ବ୍ଲକ ଧରମସାଗର ଜଗନ୍ନାଥପାଲି ଗ୍ରାମର ଆଦିବାସୀ ନାବାଳକ କିଶୋର ମାଝୀ(୧୩)ଙ୍କ ହାତରେ ବହିବସ୍ତାନୀ ବଦଳରେ କୋଡିକୋଦାଲ ଦେଖିବାକୁ ମିଳିଛି । କିଶୋରଙ୍କର ବାପା ଜଗତରାମ ମାଝୀ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଆଜକୁ ୧୩ ବର୍ଷ ତଳେ ଆରପାରିକୁ ଚାଲି ଯାଇଛନ୍ତି । ସେତେବେଳେ ନାବାଳକ କିଶୋର ନବଜାତ ଶିଶୁ ହୋଇ ମାଁ କୋଳରେ ଥିଲେ । ବାପାଙ୍କ ମୃତ୍ୟୁ ପରେ କିଶୋରଙ୍କ ମାଁ ବୁଇ ମାଝୀ ଚିନ୍ତାରେ ଭାଙ୍ଗି ପଡିଲେ । କାରଣ କିଶୋରଙ୍କ ବାପା ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । କଅଁଳା ଶିଶୁକୁ କୋଳରେ ଧରି ଜୀବନ ଜିବୀକା ପାଇଁ ସଂଗ୍ରାମ କରି ଚଳୁଥିଲେ ବୁଇ ମାଝୀ । କାଳକ୍ରମେ କିଶୋରଙ୍କ ବୟସ ବଢିକି ଆଜି ୧୩ ବର୍ଷରେ ପହଂଚିଛି । ଏବେ କିଶୋରଙ୍କ ମାଁ ବୃଦ୍ଧାବସ୍ଥାରେ ପହଂଚିଥିବା ବେଳେ ପରିବାର ପେଟରେ ଦାନା ଦେବାକୁ ଘରେ ଆଉ କେହି ନାହାନ୍ତି । କିଶୋର ଧରମସାଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପାଠ ପଢିଛି ।

ଏହାପରେ ନବମ ଶ୍ରେଣୀର ପାଠ ପଢିବା ବେଳକୁ ପାଠ ପଢାରେ ଡୋରୀ ବନ୍ଧାହେଲା । କାରଣ ଅସହାୟ ଅକ୍ଷମ ମାଁ ବୁଇ ମାଝୀଙ୍କୁ ପ୍ରତିପୋଷଣ କରିବା ପାଇଁ ୧୩ ବର୍ଷିୟା କିଶୋର ହିଁ ସାଜିଛି ଘରର ରୋଜଗାରିଆ ପୁଅ । କଅଁଳା ହାତରେ କୋଡିକୋଦାଲ ଧରି ଚାଷ କାମ କରୁଛି । ବେଳେ ବେଳେ ମୂଳ ଲାଗି ପରିବାର ପାଇଁ ଆହାର ଯୋଗାଡ କରୁଛି ନାବାଳକ । କିଶୋରର ଶିକ୍ଷା ଅଧିକାର କ୍ଷୁର୍ଣ୍ଣ ହୋଇ ଏବେ କିଶୋର ଅସହାୟ ଜୀବନ ଯାପନ କରୁଛି । ଶିକ୍ଷକ, ଗୋଷ୍ଠି ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆଢୁଆଳରେ ଏହି ନାବାଳକ ।

ଅନ୍ୟପକ୍ଷରେ ସାହି ପଡିଶା ସାଙ୍ଗସାଥି ବିଦ୍ୟାଳୟକୁ ଯାଆନ୍ତି ହେଲେ ସେତେବେଳେ ସେମାନଙ୍କୁ ଦେଖି ଦୁଃଖ ଲାଗୁଥିବା ପ୍ରକାଶ କରିଛି ନାବାଳକ। ମାଁଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦେଖି ମୋତେ ଶିକ୍ଷାରୁ ଦୁରେଇ ନେଇଛି । ଏଠାରେ ପ୍ରଶ୍ନ ଉଠୁଛି ସରକାରଙ୍କର ଶିକ୍ଷା ଅଧିକାର ଆଇନ ସତରେ ନୂଆପଡା ଜିଲ୍ଲାରେ ବାଟବଣା ହୋଇନିତ । ଏସମ୍ପର୍କରେ ବୁଝିବା ପାଇଁ କିଶୋର ପଢୁଥିବା ବିଦ୍ୟାଳୟକୁ ଯାଇଥିଲୁ ହେଲେ ତାଙ୍କ ସମ୍ପର୍କରେ ପଚାରିବାରୁ ଶିକ୍ଷକ ଜଣକ ବିଦ୍ୟାଳୟରୁ କିଶୋର ଗଲାପରେ ତାପରେ କୋଉଠି ପଢୁଛି କିମ୍ବା ନପଢୁଛି ସେହି ଖବର ଆମ ପାଖରେ ନାହିଁ ବୋଲି ପ୍ରକାଶ କରିଥିଲେ । ଆଗକୁ କିଶୋରର ପାଠ ପଢା ପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।

# ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଉଦଘାଟିତ ହେଲା ମୟୂରଭଞ୍ଜ ମହୋତ୍ସବ

ବାରିପଦା, (ପିଏନ)- ମୟୂରଭଞ୍ଜ କଳା ଓ ସଂସ୍କୃତିର ମାଟି । ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ମୟୂରଭଞ୍ଜବାସୀ ମୁଁ ଓ ମୋର ଐତିହ୍ୟକୁ ନେଇ ଗର୍ବ କରନ୍ତି । ସେହି କଳା ଓ ସଂସ୍କୃତିର ବିକାଶ ନିମନ୍ତେ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ ଏବଂ ୨୦୧୯ରେ ଏହା ୪ର୍ଥ ବର୍ଷରେ ପଦ ଥାପିଛି । ବେଶ କିଛି ଦିନ ଧରି ସମଗ୍ର ଜିଲ୍ଲା ହୋଇ ଉଠିଥିଲା ଚଳଚଂଚଳ । ଆଜି ସମସ୍ତ ପ୍ରତୀକ୍ଷାର ଅନ୍ତ ଘଟିବା ସଂଗେସଂଗେ ନଭେମ୍ବର ୨୫ ଅପରାହ୍ନରେ ଏକ ବର୍ଣ୍ଣାଢ଼୍ୟ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଉଦଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାରିପଦା ଶ୍ରୀଶ୍ରୀହରି ବଳଦେବ ଜୀଉ ବିଜେଙ୍କ ସିଂହଦ୍ୱାର ନିକଟ ବଡ଼ଦାଣ୍ଡରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି. ପରମାର , ଚଳଚିତ୍ର ତାରକା ଉତମ ମହାନ୍ତି, ଅସିତ୍ ପତି ପ୍ରମୁଖ ଯୋଗ ଦେଇ ମହୋତ୍ସବକୁ ଶୁଭ ଉଦଘାଟନ କରିଥିଲେ । ଏହାପରେ ଜିଲ୍ଲାର ବିଭିନ୍ନ କଳାକାରମାନଙ୍କୁ ନେଇ ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ବଡ଼ଦାଣ୍ଡରୁ ଛଉପଡ଼ିଆ ପର୍ଯ୍ୟନ୍ତ କାରନିଭାଲ ସୋ ଅନୁଷ୍ଠିତ ହୋଇଥିଲା । ଉକ୍ତ ମହୋତ୍ସବ ଐତିହାସିକ ଛଉପଡ଼ିଆରେ ୬ ଦିନ ଧରି ଚାଲୁ ରହିବ ଏବଂ ଓଡ଼ିଆ ସିନେ ଜଗତର ସୁପରଷ୍ଟାର ଉତମ ମହାନ୍ତି, ଅସିତ୍ ପତି, ବାବୁ ସାନ, ପପୁ ପମ୍‌ପମ୍, ସ୍ୱରାଜ ବାରିକ, ସନ୍‌ମିରା, ଅନିମେଶ ଘୋଷ, ଗାୟିକା ଅସୀମା ପଣ୍ଡା, ଦୀପ୍ତିରେଖା, ସ୍ୱୟମ୍ ପାଢ଼ୀ ପ୍ରମୁଖ ବହୁ ନାମୀଦାମୀ କଳାକାରମାନେ ଯୋଗ ଦେଇ ମଞ୍ଚରେ ଦର୍ଶକମାନଙ୍କ ମନୋରଞ୍ଜନ କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ନଭେମ୍ବର ୨୮ରେ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଯୋଗ ଦେଉଥିବା ସମୟରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ସାଂସଦ ସୋଜିନୀ ହମ୍ବ୍ରମ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁଦାମ ମାର୍ଣ୍ଡି, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ମୟୂରଭଞ୍ଜ ଲୋକସଭା ସାଂସଦ ଇଂ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ବିଧାୟକ ରମେଶ ମାଝି, ଚିନ୍ମୟ ସାହୁ, ତାରାପ୍ରସାଦ ବାହିନୀପତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ପୁଣି ନଭେମ୍ବର ୨୯ରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମ ଆଦି ରାଜ୍ୟର ସାନ୍ତାଳୀ ସୁପରଷ୍ଟାର କଳ୍ପନା ହାଁସଦାଃ, ମଧୁସ୍ମିତା ସୋରେନ ମୁର୍ମୁ, ମଲ୍ଲୀ ହେମ୍ବ୍ରମ, ଡୁଗର ଟୁଡୁ, ଲକ୍ଷ୍ମଣ ସୋରେନ ପ୍ରମୁଖ ଯୋଗ ଦେବେ । କେବଳ ଏତିକି ମଧ୍ୟରେ ସିମୀତ ରହିଯାଇନାହିଁ । ଅନ୍ୟ ଜିଲ୍ଲାର କଳା ଓ ସଂସ୍କୃତି ସହ ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଆଦାନ ପ୍ରଦାନ ନିମନ୍ତେ ବିଶେଷ ବ୍ୟବସ୍ଥା ରହିଛି । ବାରିପଦା ଛଉପଡ଼ିଆ ପରିସରରେ ମୟୂରଭଞ୍ଜ ମହୋତ୍ସବ ପ୍ରତ୍ୟେକ ଦିନ ପୂର୍ବାହ୍ନ ୫ରୁ ଆରମ୍ଭ ହୋଇ ରାତି ୧୦ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ମାଧ୍ୟମରେ ଚାଲୁ ରହିବାକୁ ଯାଉଥିବା ବେଳେ ଦର୍ଶକମାନେ ମୟୂରଭଞ୍ଜର ପାରମ୍ପରିକ ମାଂସ-ମୁଢ଼ି ସହ ବିଭିନ୍ନ ଖାଦ୍ୟର ମଜା ଉଠାଇ ପାରିବେ ।

# ଗାନ୍ଧୀଜୀ ଭାଷା ଭିତିକ ଓଡ଼ିଶା ପ୍ରଦେଶ ଗଠନକୁ ସମର୍ଥନ କରୁଥିଲେ : ଡ. ଅଭିରାମ ବିଶ୍ୱାଳ

ଭୁବନେଶ୍ୱର, (ପିଏନ) - ଜାତିର ଜନକ ମହାତ୍ମା ଗାନ୍ଧୀ ଭାଷାଭିତିକ ଓଡ଼ିଶା ପ୍ରଦେଶ ଗଠନକୁ ସମର୍ଥନ କରୁଥିଲେ । ଗଂଜାମ ଜିଲ୍ଲା ଗସ୍ତ ସମୟରେ ଗାନ୍ଧୀଜି ବିଭିନ୍ନ ସଭାରେ ମାତୃଭାଷା ଉପରେ ଗୁରୁତ୍ୱ ଦେବା ସହିତ ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ଥିବା ଦାବିକୁ ଆନ୍ତରିକ ସମର୍ଥନ କରିଥିଲେ ବୋଲି ବିଶିଷ୍ଟ ପ୍ରାବନ୍ଧିକ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଅଭିରାମ ବିଶ୍ୱାଳ ଉଲ୍ଲେଖ କରିଛନ୍ତି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ରାଜ୍ୟ ଅଭିଲେଖାଗାର ଆନୁକୂଲ୍ୟରେ ଆଜି ଅନୁଷ୍ଠିତ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେଇ ଡ. ବିଶ୍ୱାଳ ଓଡ଼ିଶରେ ଗାନ୍ଧୀଜି, ଓଡ଼ିଆରେ ଗାନ୍ଧୀଜି ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ସେ କହିଲେ ୧୯୨୧ ଦୋଳପୂର୍ଣ୍ଣିମା ଦିନ ଗାନ୍ଧୀଜି ପ୍ରଥମେ କଟକରେ ପହଂଚିଥିଲେ । ସେ ୧୯୨୧, ୧୯୨୫, ୧୯୨୭, ୧୯୨୮, ୧୯୩୪, ୧୯୩୮, ୧୯୪୬ରେ ମୋଟ ଆଠ ଥର ଓଡ଼ିଶା ଆସିଥିଲେ । ସମଗ୍ର ଭାରତ ଗସ୍ତରେ ଗାନ୍ଧୀଜୀଙ୍କର ଥିଲା ପରିବ୍ରାଜକର ଅନୁସନ୍ଧିତ୍ସା, ପର୍ଯ୍ୟଟକର ଆଗ୍ରହ ଓ ତୀର୍ଥଯାତ୍ରୀର ଉଦ୍ଦେଶ୍ୟ । ଅନେକ ଯାତ୍ରା ତାଙ୍କର ଖଦି ପଦଯାତ୍ରା, ହରିଜନ ପଦଯାତ୍ରା ଇତ୍ୟାଦି ଭାବରେନାମିତ ହୋଇଥିଲା । ପଣ୍ଡିତ ଗୋପବନ୍ଧୁଙ୍କ ଡାକରାରେ ପ୍ରଥମେ ଓ ପରେ ଉତ୍କଳଗୌରବ ମଧୁସୂଦନଙ୍କ ନିମନ୍ତ୍ରଣରେ ଗାନ୍ଧୀଜୀ ଓଡ଼ିଶା ଆସିଥିଲେ ବୋଲି କହିବା ସହିତ ବହୁ ଉଦ୍ଧୃତି ପ୍ରଦାନ କରି ଡ. ବିଶବାଳ ଏକାଧିକ ଘଟଣାର ଅବତାରଣା କରିଥିଲେ ।

ଓଡ଼ିଶା ଗସ୍ତ ଫଳରେ ଗାନ୍ଧୀଜି ଏବଂ ଓଡ଼ିଶା ଉଭୟ ଲାଭବାନ ହୋଇଥିଲେ । ଓଡ଼ିଶାର ସାଂସ୍କୃତିକ-ଧାର୍ମିକ ସମାଜକୁ ରାଜନୈତିକ ତଥା ନାଗରିକ ସମାଜରେ ପରିଣତ କରିବାରେ ଗାନ୍ଧୀଜୀଙ୍କ ଭୂମିକା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଫଳରେ ଗାନ୍ଧୀ ଆଦର୍ଶରେ ପରିପାଳିତ ଓ ପରିଚିତ ଅନେକ ଗାନ୍ଧୀ ଓଡ଼ିଶାରେ ସୃଷ୍ଟି ହୋଇପାରିଥିଲେ । ସ୍ୱାଧୀନତା ସଂଗ୍ରାମ ସହିତ ଜାତୀୟ ଜୀବନର ମହାସ୍ରୋତରେ ଓଡ଼ିଶାକୁ ସାମିଲ କରିବା ଗାନ୍ଧୀଙ୍କ ଉଦ୍ଦେଶ୍ୟ ଥିଲା । ଓଡ଼ିଶାରେ ତାଙ୍କର ଗସ୍ତ ପବିତ୍ର ଓ ଆଧାତ୍ମିକ ପରିବର୍ତନର ଯାତ୍ରା ଭାବରେ ପରିଗଣିତ ହୁଏ । ଡ. ବିଶ୍ୱାଳ ଗାନ୍ଧୀଜୀଙ୍କ ଆଦର୍ଶ ସମ୍ପର୍କରେ ରଚିତ ଏକାଧିକ ପୁସ୍ତକର ନାମୋଲ୍ଲେଖ କରିଥିଲେ ଏବଂ ତାଙ୍କ ପୂର୍ବରୁ ଅସ୍ପୃଶ୍ୟତା, ଖଦି ଇତ୍ୟାଦି ପ୍ରସଙ୍ଗରେ ଫକୀର ମୋହନଙ୍କ ରଚିତ ଲେଖାର ଦୃଷ୍ଟାନ୍ତ ଦେଇଥିଲେ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେଅଭିଲେଖାଗାର ଅଧିକ୍ଷକ ଡ. ଶେଖ୍ ସୁଲେମାନ୍ ଅଲ୍ଲୀ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଡ. ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶିକା ସଂଘମିତ୍ରା ଶତପଥି, ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ମହେଶ ପ୍ରସାଦ ଦାସ, ଡ. ଅଶୋକ ପଟ୍ଟନାୟକ, ପୂର୍ବତନ ପ୍ରଶାସକ ଡ. ରବି ନାରାୟଣ ସେନାପତିଙ୍କ ସମେତ ବହୁ ବୁଦ୍ଧିଜୀବି, ଗବେଷକ ଓ ସାହିତ୍ୟିକ ତଥା ସଂସ୍କୃତିକର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଭିକାରୀ ମାଫିଆଙ୍କ କବଜାରେ ଶ୍ରୀକ୍ଷେତ୍ର

ପୁରୀ, (ପିଏନ)- ଧର୍ମକ୍ଷେତ୍ର ଶ୍ରୀକ୍ଷେତ୍ରରେ ମାଳ ମାଳ ଭିକାରୀ ସହରସାରା ବୁଲୁଥିବା ଦେଖିବାକୁ ମିଳିଛି । ସିଂହଦ୍ୱାରଠାରୁ ଆରମ୍ଭ କରି ଗୁଣ୍ଡିଚା ମନ୍ଦିର, ଲୋକାନଥ ମନ୍ଦିର, ସାଇମନ୍ଦିର, ସମୁଦ୍ରକୂଳ, ବସଷ୍ଟାଣ୍ଡ, ଷ୍ଟେସନ ଛକ, ଶ୍ରୀରାମମନ୍ଦିର ସମେତ ବିଭିନ୍ନ ସ୍ଥାନରେ ଏହି ଭିକାରୀମାନେ ମାଳ ମାଳ ହୋଇ ବୁଲିବା ସହ ଭିକ ମାଗୁଥିବା ଦେଖିବାକୁ ମିଳିଛି । ଭିକ ମାଗିବାକୁ ନେଇ ମଧ ଏବେ ବେପାର ଚାଲିଛି । କେତେକ ଭିକାରୀ ମାଫିଆ ଦିବ୍ୟାଙ୍ଗମାନଙ୍କୁ ବ୍ୟବହାର କରି ବେପାର କରୁଥିବା କୁହାଯାଇଛି । ଅନ୍ଧ, ଶିଶୁ, ଗରିବ ମହିଳା ଓ ନାବାଳିକାଙ୍କ ଜରିଆରେ ବିଭିନ୍ନ ସ୍ଥାନରେ ଛାଡି ଦେଇ ଯାଉଛନ୍ତି । ସେମାନେ ଭିକମାଗି ସନ୍ଧ୍ୟାପରେ ତାଙ୍କ ମାଲିକଙ୍କୁ ସମସ୍ତ ଟଙ୍କା ଓ ଚାଉଳ ଦେଉଛନ୍ତି । ସେଥିରୁ ମାତ୍ର ୨ଶହ ଟଙ୍କା କାଢି ଭିକାରୀମାନଙ୍କୁ ଦିଆଯାଉଥିବା ଅଭିଯୋଗ ହୋଇଛି । ସିଂହଦ୍ୱାରରେ ଭିକାରୀଙ୍କୁ ଉଠାଇବା ପରେ ସେମାନେ ଏବେ ମରଚିକୋଟ ପାଖକୁ ଆସି ତୀର୍ଥଯାତ୍ରୀଙ୍କୁ ଭିକ ମାଗୁଛନ୍ତି । ସହରର ବିଭିନ୍ନ ସ୍ଥାନରେ ଠିଆ ଭିକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ମୋଟରସାଇକେଲ କିମ୍ବା କାର ରଖୁ ରଖୁ ଏହି ଠିଆ ଭିକାରୀମାନେ ୫ଟଙ୍କରୁ ୧୦ଟଙ୍କା ପର୍ଯ୍ୟନ୍ତ ମାଗି ହାତ ପତାଉଛନ୍ତି । ଯାହା ଚାଳକମାନଙ୍କୁ ଅପ୍ରସ୍ତୁତ କରୁଛି । ସମୁଦ୍ରକୂଳରେ ପର୍ଯ୍ୟଟକମାନଙ୍କୁ ଓ ପାଦଚଲା କାନ୍ଥରେ ବସୁଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କୁ ବୁଲି ବୁଲି ଭିକ ମାଗୁଥିବା ଅଭିଯୋଗ ହେଉଛି ।

# ଜୀବନବୀମା ନିଗମ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସଚେତନତା କାର୍ଯ୍ୟକ୍ରମ



କେନ୍ଦୁଝର (ପିଏନ) : ହାଟଡିହି ବ୍ଲକ ମରେିଗାଁ ହାଇସ୍କୁଲ ପ୍ରାଙ୍ଗଣରେ ଜୀବନବୀମା ନିଗମ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ସନ୍ତୋଷ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆନନ୍ଦପୁର ବ୍ରାଂଚ ମ୍ୟାନେଜର ବୈଷ୍ଣବ ଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ହାଇସ୍କୁଲର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, ବରିଷ୍ଠ ବୀମା ଉପଦେଷ୍ଟା ନୃସିଂହ ପଣ୍ଡା, ଅନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହ ଛାତ୍ରଛାତ୍ରୀଙ୍କୁ ଜୀବନ ବୀମା ସମ୍ପର୍କରେ ସଚେତନ କରାଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପ୍ରତିଯୋଗୀତା ମଧ୍ୟ କରାଇଥିଲେ । କୃତି ପ୍ରତିଯୋଗୀ ଆଶୁତୋଷ ଦାସ, ମୀରା କର, ଦେବସ୍ମିତା ପଣ୍ଡା, ଶୁଭସ୍ମିତା ଦାସ, ସୁଶାନ୍ତ ମହାନ୍ତି, ଜୀବନ ଜେନା, ଦେବାଶିଷ ମିଶ୍ର, ଓମ ପ୍ରକାଶ ତ୍ରିପାଠୀ, ଲକ୍ଷ୍ମୀପ୍ରୀୟା ଗିରିଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସମୟରେ ଜୀବନବୀମାର ଏଜେଂଟ ଅଶ୍ୱିନୀ କୁମାର ପଢ଼ିଆରୀ, ସନ୍ତୋଷ କୁମାର ସା, ପରେଶ କୁମାର ଜେନା, ସରୋଜ କୁମାର ଦାସ, ନାରାୟଣ ଚନ୍ଦ୍ର ଦାସ, ଶଶୀକାନ୍ତ ଜେନା, ସନ୍ତୋଷ ଚକ୍ର, କଳ୍ପତରୁ ସାହୁ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ସଦାଶିବ ନାୟକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସ୍ୱାମ୍‌ପାଟଣା ଆଂଚଳିକ ମହାବିଦ୍ୟାଳୟ ସଭାଗୃହରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ




କେନ୍ଦୁଝର(ପିଏନ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟରେ ଥିବା ସ୍ୱାମ୍‌ପାଟଣା ଆଂଚଳିକ ମହାବିଦ୍ୟାଳୟ ସଭାଗୃହରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସେହି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶଙ୍କର୍ଷଣ ସାହୁ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଯୁଧିଷ୍ଠିର ମହାନ୍ତ, ପ୍ରଫେସର ଶୈଳେନ୍ଦ୍ର ଡାଲୁଆ, ଅଧ୍ୟାପକ ରତ୍ନାକର ମହାକୁଡ, ଅବସରପ୍ରାପ୍ତ ପ୍ରଫେସର ହରିହର ଓଝା, ରଜତ କୁମାର ଦାଶ, ପର୍ଶୁରାମ ପଣ୍ଡା, ପାର୍ଥସାରଥି ବେଜ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ବହୁ ଉପଯୋଗୀ ଉପଦେଶ ଦେଇଥିଲେ । ଏହି ଅବସରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ମହାବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଏନ୍‌ସିସି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ପଞ୍ଜୀକୃତ ଚାଷୀ ଧାନ ବିକ୍ରି ନ କରିପାରିଲେ ପୁଣି ଦିଆଯିବ ସୁଯୋଗ : ମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ସ୍ଥିରୀକୃତ ଦିବସରେ ପଞ୍ଜିକୃତ ଚାଷୀ ଧାନ ବିକ୍ରି ନ କରିପାରିଲେ ସମ୍ପୃକ୍ତ ଚାଷୀଙ୍କୁ ଧାନ ବିକ୍ରି ପାଇଁ ପୁନର୍ବାର ଏକାଧିକ ସୁଯୋଗ ଦିଆଯିବ ବୋଲି ବିଧାନସଭାରେ କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ବିଧାନସଭାରେ ଏ ସମ୍ପର୍କରେ ବିବୃତି ଦେଇ ସେ ଏହା କହିଛନ୍ତି । ତେବେ ମନ୍ତ୍ରୀ ସୁଶାନ୍ତ ସିଂ ଓ ସରକାରୀ ଦଳର ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ସମ୍ବଲପୁରରେ ଚାଷୀ ମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଶ୍ରୀ ସ୍ୱାଇଁ ତାଙ୍କ ବିବୃତିରେ କିଛି କହିନାହାନ୍ତି । ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଆମ ରାଜ୍ୟରେଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଯାଇଛି । ବରଗଡ଼, ସମ୍ବଲପୁର, କଳାହାଣ୍ଡି, ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗୀର, ମାଲକାନଗିରି ଓ କୋରାପୁଟ ଆଦି ଜିଲ୍ଲାରୁ ଏହା ଆରମ୍ଭ ହୋଇଛି ଏବଂ ଅମଳ ସମୟ ଅନୁସାରେ ଏହା ଅନ୍ୟାନ୍ୟ ଜିଲ୍ଲା ମାନଙ୍କରେ ଆରମ୍ଭ ହେବ । ୨୪ ତାରିଖ ସୁଦ୍ଧା ୧,୭୫,୫୫୮ କ୍ୱିଂଟାଲ ଧାନ ଆଠ ଗୋଟି ଜିଲ୍ଲାରୁ ସଂଗ୍ରହ କରାଯାଇଛି । ଧାନ ସଂଗ୍ରହର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ସମ୍ପୃକ୍ତ ମଣ୍ଡିରେ ଉପସ୍ଥିତ ରହିବା ପାଇଁ ଏସଏମଏସ ମାଧ୍ୟମରେ ପଂଜିକୃତ ମୋବାଇଲ ନମ୍ବରକୁ ବାର୍ତା ପ୍ରେରଣ କରାଯାଉଛି । ଅନଲାଇନ ଟୋକେନର ତାଲିକା କ୍ରୟକାରୀ ସୋସାଇଟି / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ହେଉଛି ।

ସେ କହିଛନ୍ତି ଯେ, ଚଳିତ ବର୍ଷ ଟୋକେନ ପ୍ରସ୍ତୁତି ପ୍ରକ୍ରିୟା ମାନବ ହସ୍ତକ୍ଷେପରୁ ମୁକ୍ତ କରାଯାଇଛି । ଏହା ଅନଲାଇନରେ କମ୍ପ୍ୟୁଟରୀକୃତ ବ୍ୟବସ୍ଥା ମାଧ୍ୟମରେ କରାଯାଉଛି । କିନ୍ତୁ ଯେଉଁ ଚାଷୀ ତାଲିକା ଭିତିରେ ଟୋକେନ ପ୍ରସ୍ତୁତ କରାଯାଉଛି, ତାର ତଥ୍ୟ ସୋସାଇଟି ସେକ୍ରେଟାରୀମାନେ ପ୍ରଦାନ କରୁଛନ୍ତି । ଯେଉଁମାନେ ଧାନ ଅମଳ କରିସାରିଛନ୍ତି ବା ପ୍ରକ୍ରିୟାରେ ଅଛନ୍ତି, ସେମାନଙ୍କର ନାମ ସୋସାଇଟି ସେକ୍ରେଟାରୀ ଅନଲାଇନରେ ସିଷ୍ଟମକୁ ପ୍ରେରଣ କରୁଛନ୍ତି, ସିଷ୍ଟମ ଏହି ତଥ୍ୟକୁ ସଟିଙ୍ଗ କରୁଛି ଓ ବିକ୍ରୟ ଦିନ ଧାର୍ଯ୍ୟ କରୁଛି । ପ୍ରତ୍ୟେକ ବିକ୍ରୟ ଦିବସରେ କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଏବଂ ବଡ଼ ଚାଷୀ ପୂର୍ବ ନିର୍ଦ୍ଧାରିତ ମାପକାଠି ଅନୁସାରେ ସରକାରଙ୍କୁ ଧାନ ବିକ୍ରି କରିବା ପାଇଁ ସୁଯୋଗ ପାଉଛନ୍ତି । ଏଥିରେ ବ୍ୟକ୍ତି ବିଶେଷଙ୍କ ହସ୍ତକ୍ଷେପ ନାହିଁ । ଏଥିରେ କୌଣସି ପାତର ଅନ୍ତର ନାହିଁ । ଏହା ସ୍ୱଚ୍ଛ, ଯୁକ୍ତିଯୁକ୍ତ ଏବଂ ନ୍ୟାୟୋଚିତ । ତୃଣମୂଳ ସ୍ତରରେ ଟୋକେନ ବଂଟନରେ ଅନିୟମିତାକୁ ଏହା ପ୍ରତିହତ କରିବ । ଚାଷୀମାନଙ୍କୁ ଟୋକେଟ ପାଇଁ କ୍ରୟକାରୀ ସୋସାଇଟି ନିକଟକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ । ଏହା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସଶକ୍ତ କରିବ ।ଟୋକେନ ବ୍ୟବସ୍ଥା ଚାଷୀମାନଙ୍କ ହିତ ଉଦ୍ଦେଶ୍ୟରେ ଅନୁପ୍ରେରିତ । ଏହ ମଣ୍ଡି ସ୍ତରରେ ଧାନ କ୍ରୟ ବିକ୍ରୟ କାର୍ଯ୍ୟକଳାପକୁ ଶୃଙ୍ଖଳିତ କରିବ ଏବଂ ଚାଷୀଙ୍କୁ ଅନିଶ୍ଚିତତା ଓ ଆଶଙ୍କାରୁ ମୁକ୍ତ କରିବ । ମଣ୍ଡିକୁ ଧାନ ବିକ୍ରି କରିବାକୁ ଆସୁଥିବା ଚାଷୀମାନଙ୍କ ଧାନକୁ ସୁରକ୍ଷା ଦେବା, ସେମାନଙ୍କ ପାଇଁ ବିଶ୍ରାମସ୍ଥଳ, ଶୌଚାଳୟ ପ୍ରତିଷ୍ଠା କରିବା ପାଇଁ ସୋସାଇଟି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆରଏମସି ପରିଚାଳିତ ମାର୍କେଟ ୟାର୍ଡ଼ରେ ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ ଅଛି । ଚାଷୀ ଯେଉଁ ବସ୍ତାରେ ଧାନ ନେଇ ମଣ୍ଡିକୁ ଆସୁଛନ୍ତି, ତାକୁ ଫେରସ୍ତ କରିବାର ନିୟମ ରହିଛି । ଯେଉଁଠି ଫେରସ୍ତ କରାଯାଉ ନାହିଁ, ସେ କ୍ଷେତ୍ରରେ ବସ୍ତା ବାବଦ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନ ମିଲରମାନଙ୍କ ତରଫରୁ କରାଯିବାର କଥା । ଯେଉଁ ମିଲରମାନେ ଏହାର ଉଲ୍ଲଘଂନ କରୁଛନ୍ତି, ଜିଲ୍ଲାପାଳ, ସିଏସଓ ବା ବିଭାଗର ଦୃଷ୍ଟିକୁ ଆଣିଲେ ସମ୍ପୃକ୍ତ ମିଲରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ ।ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାର ଜଳସେଚିତ ଓ ଅଣଜଳସେଚିତ ଜମିରୁ ଯଥାକ୍ରମେ ଏକର ପ୍ରତି ୧୯ କ୍ୱିଂଟାଲ ଓ ୧୩ କ୍ୱିଂଟାଲ ହାରରେ ପଂଜିକୃତ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ନିଷ୍ପତି ନେଇଛନ୍ତି । ସରକାର ଏକ ହାରାହାରି ଅମଳ ହାର ନୀତିରେ ଧାନ କ୍ରୟ କରିବା ପାଇଁ ନିଷ୍ପତି ନେଇଛନ୍ତି ।ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଚଳିତ ଖରିଫ ଧାନ ସଂଗ୍ରହ ଦୃଶ୍ୟପଟ ଉପରେ ରାଜ୍ୟ ସରକାର ଦୈନନ୍ଦିନ ଭିତିରେ ତୀକ୍ଷ୍ଣ ନଜର ରଖିଛନ୍ତି । ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତା, ଶୃଙ୍ଖଳା ଓ ପାରଦର୍ଶିତା ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଚାଷୀଙ୍କ ହିତ ପାଇଁ ବ୍ୟବସ୍ଥାର ଉନ୍ନତିକରଣ ଉଦ୍ଦେଶ୍ୟରେ ଯେ କୌଣସି ବ୍ୟକ୍ତି ଓ ଅନୁଷ୍ଠାନଙ୍କ ଠାରୁ ଯଦି କୌଣସି ସକରାତ୍ମକ ପ୍ରସ୍ତାବ ଆସେ, ସରକାର ତାକୁ ଗ୍ରହଣ କରିବାପାଇଁ ପଛାଇବେ ନାହିଁ ।






# କିସ୍‌ରେ ଲିଙ୍ଗଗତ ସମାନତା ଓ ମହିଳାଙ୍କ ଭାଗିଦାରୀ ଉପରେ କର୍ମଶାଳା



ଭୁବନେଶ୍ୱର: କିସ୍ ଓ କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ ଓ୍ୱିମେନ୍ ଇନ୍ ସିକ୍ୟୁରିଟି, କନ୍‌ଫ୍ଲିକ୍ଟ ମ୍ୟାନେଜମେଣ୍ଟ ଆଣ୍ଡ ପିସ୍ (ଉଇସ୍‌କମ୍ପ)ଉଦ୍ୟମରେ ‘ଲିଙ୍ଗଗତ ସାମ୍ୟତା ଓ ଅନ୍ତର୍ଭୁକ୍ତି: ଉଚ୍ଚଶିକ୍ଷାରେ ପରବର୍ତ୍ତନକାରୀ ମାର୍ଗ’ ଉପରେ ତିନି ଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଆଜି ଏହି କର୍ମଶାଳାକୁ ଉଦ୍‌ଘାଟନ କରି ଉଇସ୍‌କ୍ୟାମ୍ପର ନିର୍ଦ୍ଦେଶିକା ପଦ୍ମଶ୍ରୀ ଡ. ମୀନକ୍ଷୀ ଗୋପୀନାଥ କହିଲେ, ଉଚ୍ଚତର ଶିକ୍ଷାନୁଷ୍ଠାନରେ ଲିଙ୍ଗଗତ ସମାନତା ଓ ଅନ୍ତର୍ଭୁକ୍ତି ନିମନ୍ତେ ମହିଳାଙ୍କ ସମାନ ଭାଗିଦାରୀ ରହିବା ଉଚିତ। ଦେଶର ବିଭିନ୍ନ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକର ପରିଚାଳନାଗତ ନିଷ୍ପତ୍ତି ନେଉଥିବା ପଦପଦବୀରେ ମହିଳାଙ୍କ ସମାନ ଭାଗିଦାରୀ ଓ ଅନ୍ତର୍ଭୁକ୍ତି ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି ସେ କହିଥିଲେ। ଆମ ଦେଶରେ ୯ଶହରୁ ଉର୍ଦ୍ଧ୍ୱ ଉଚ୍ଚତର ଶିକ୍ଷାନୁଷ୍ଠାନ ରହିଥିଲେ ମଧ୍ୟ ଏହି ସବୁ ଉଚ୍ଚତର ଶିକ୍ଷାନୁଷ୍ଠାନର ମୁଖ୍ୟ ପଦପଦବୀରେ ମାତ୍ର ୩ ପ୍ରତିଶତ ମହିଳା ରହିଛନ୍ତି। ମାତ୍ର ଏ କ୍ଷେତ୍ରରେ କିଟ୍ ଓ କିସ୍ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦ ପ୍ରତିଶତ ଛାତ୍ରୀ ହୋଇଥିବା ବେଳେ କର୍ମଚାରୀଙ୍କ କ୍ଷେତ୍ରରେ ମହିଳାଙ୍କ ସଂଖ୍ୟା ୪୦ ପ୍ରତିଶତ। ସେହିପରି କିସ୍‌ରେ ୬୦ ପ୍ରତିଶତ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଲିଙ୍ଗଗତ ସମାନତା ଓ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଅନ୍ତର୍ଭୁକ୍ତିକୁ ଜାତିସଂଘ ତାର ସ୍ଥାୟୀ ବିକାଶ ଲକ୍ଷ୍ୟରେ ସ୍ଥାନ ଦେଇଥିବା ବେଳେ ଏହାକୁ କିଟ୍ ଓ କିସ୍ ବହୁ ପୂର୍ବରୁ କାର୍ଯ୍ୟରେ ପରିଣତ କରିପାରିଛନ୍ତି ବୋଲି ସେ କହିଥିଲେ।

ଏହି ଅବସରରେ କିସ୍ ଏବଂ ଉଇସ୍‌କମ୍ପ ସହଯୋଗରେ କିସ୍‌ରେ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ନାମରେ ଏକ ଚେୟାର ପ୍ରତିଷ୍ଠା କରାଯିବ ବୋଲି ଡେ. ମୀନାକ୍ଷୀ ଘୋଷଣା କରିଥିଲେ। କିସ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଏହାର ରୂପରେଖ ସ୍ଥିର କରାଯିବ ବୋଲି ସେ ସୂଚନା ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତା ସାମନ୍ତ କହିଲେ, ମହିଳାମାନେ ପୁରୁଷଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ସେମାନଙ୍କର ମଧ୍ୟ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବାର ଦକ୍ଷତା ରହିଛି। ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ପୁରୁଷଙ୍କ ସହ ମହିଳାଙ୍କ ସମାନ ଭାଗିଦାରୀ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର ସମ୍ପାଦକ ଆର ଏନ୍ ଦାଶ, ଉଇସ୍‌କାମ୍ପର ଉପନିର୍ଦ୍ଦେଶିକା ସୀମା କକ୍‌ରନ୍ ପ୍ରମୁଖ ଉପସ୍ଥିତ ଥିଲେ। ତିନି ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ବହୁ ପ୍ରତିଷ୍ଠିତ ଶିକ୍ଷାବିତ, ଆଇନଜ୍ଞ, ନାଗରିକ ସମାଜ ପ୍ରତିନିଧି, ନାରୀବାଦୀ ବିଶେଷଜ୍ଞ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଉଚ୍ଚତର ଶିକ୍ଷାନୁଷ୍ଠାନରେ ମହିଳାଙ୍କ ସମାନ ଭାଗିଦାରୀ, ଲିଙ୍ଗଗତ ସମାନତାର ଅଡ଼ିଟ୍ ପାଇଁ ଜେଣ୍ଡର ଅଡିଟ୍ ଟୁଲ୍‌କୁ କିପରି ବ୍ୟବହାର କରାଯାଇପାରିବ ତା ଉପରେ ଆଲୋଚନା କରାଯାଇଥିଲା।

## କ୍ୱିକମାଇଲ ଅଧିଗ୍ରହଣ ସହ ଏୟାରଟେଲ ଏକ୍ସ ଲ୍ୟାବର ପୋର୍ଟଫୋଲିଓର ବିସ୍ତାର

ଭୁବନେଶ୍ୱର: ଭାରତର ସର୍ବବୃହତ ଟେଲିକମ୍ୟୁନିକେସନ କମ୍ପାନୀ, ଭାରତୀ ଏୟାରଟେଲ (‘ଏୟାରଟେଲ’) ପକ୍ଷରୁ ଗୁଡ଼ଗାଓଁସ୍ଥିତ ଷ୍ଟାର୍ଟଅପ କ୍ୱିକମାଇଲର ଶୁଭାରମ୍ଭ କରାଯାଇଛି, ଯାହାକି ଭାରତରେ ପ୍ରଯୁକ୍ତି ସମର୍ଥିତ ଲଜିଷ୍ଟିକ ପ୍ଲାଟଫର୍ମ ନିର୍ମାଣ ଉପରେ ଧ୍ୟାନକେନ୍ଦ୍ରିତ କରିଛି। କ୍ୱିକମାଇଲ ଟିମ ବର୍ତ୍ତମାନ ଏୟାରଟେଲର ଆଧୁନିକ ତଥା ଅଭିନବ ଫ୍ୟାକ୍ଟରୀ ଏୟାରଟେଲ ଏକ୍ସ ଲ୍ୟାବର ଏକ ଅଂଶ ହୋଇଯାଇଛି ଯାହାକି ଆଇଓଟି, ଡିଜିଟାଲ ଇଞ୍ଜିନିୟରିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଯାନ୍ତ୍ରିକ ଶିକ୍ଷଣ ଉପରେ ବିଶେଷ ଧ୍ୟାନ ଦେଉଛି। ଏହି ଏୟାରଟେଲ ଏକ୍ସ ଲ୍ୟାବ୍ସ ଟିମ, ଭାରତ ଏବଂ ବିଦେଶର କେତେକ ପ୍ରମୁଖ ବିଶେଷଜ୍ଞ ମାନଙ୍କୁ ନେଇ ଗଠିତ। ୨୦୧୮ରେ ଆରମ୍ଭ ହୋଇଥିବା କ୍ୱିକମାଇଲ, ଭାରତର ଅଧିକାଂଶ ଅସଂଗଠିତ ଲଜିଷ୍ଟିକ ସେକ୍ଟର ଗୁଡ଼ିକରେ ଉନ୍ନତି ଆଣିବା ପାଇଁ ଆଧୁନିକ ପ୍ରଯୁକ୍ତିଗତ ସାମର୍ଥ୍ୟକୁ ବର୍ଦ୍ଧିତ କରାଇବାର ଲକ୍ଷ୍ୟ ରଖିଛି ଏବଂ ଦ୍ରୁତଗାମୀ ମାଲିକ ମାନଙ୍କ ପାଇଁ ପ୍ରଭାବକାରୀ, ଗୁଣବତ୍ତା ଏବଂ ନିରାପତ୍ତା ନେଇ ଆସିଛି। ଗମନାଗମନ ବ୍ୟତିକ୍ରମ ଯେମିତିକି ରାସ୍ତାର ଯୋଜନା, ଫୋରକାଷ୍ଟିଙ୍ଗର ଚାହିଦା, ଯାନ ସମ୍ବନ୍ଧୀୟ ପ୍ରଦର୍ଶନର ବିଶ୍ଳେଷଣ, ଲକ୍ଷର ବ୍ୟବସ୍ଥିତ ସଫଳତା ଆଦିକୁ ଦୂର କରିବା ପାଇଁ ଏହା ଇନ୍ଧନର ବ୍ୟବହାର, ଟାୟାରର ଅବସ୍ଥା, ମାଇଲେଜ ଆଦିର ପୁଙ୍ଖାନୁପୁଙ୍ଖ ତଦାରଖକୁ ସାମିଲ କରିଛି।

# ଏଲ୍‌ଭିପିଇଆଇର ଦୃଷ୍ଟିଶକ୍ତି ସଚେତନତା ଉତ୍ସବ



ଭୁବନେଶ୍ୱର : ଏଲ୍‌ଭିପିଇଆଇ ଦ୍ୱାରା ଆୟୋଜିତ ମାୟୋପିୟା ବିଷୟରେ ଏକ ମେଗା ଦୃଷ୍ଟିଶକ୍ତି ସଚେତନତା କ୍ୟାମ୍ପେନ୍ ‘ମାଇ ସାଇକ୍ଲୋଥନ୍’ର ଟି ସାର୍ଟ ଅଭିନେତା ସିଦ୍ଧାର୍ଥ ମହାପାତ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏଲ୍‌ଭିପିଇଆଇ ପକ୍ଷରୁ ଏହି ଦୃଷ୍ଟିଶକ୍ତି ସଚେତନତା ମିଶନକୁ ଆଗକୁ ବଢ଼ାଇବାକୁ ଯାଇ ନୂତନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଶିଶୁଦିବସ ଅବସରରେ ଏକ ଶିଶୁ ସପ୍ତାହ ଉତ୍ସବ ‘ଚାଇଲ୍ଡ ଆଇ କେୟାର ୱାକ୍’ର ଆୟୋଜନ କରାଯାଇଥିଲା। ପଟିଆ ସ୍କୋୟାରଠାରୁ ଆରମ୍ଭ ହୋଇ ବିଗ୍‌ବଜାର ପର୍ଯ୍ୟ ଏହି ୱାକ୍‌ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ ସପ୍ତାହ ବ୍ୟାପୀ ଶିଶୁଦିବସ ପାଳନ ହୋଇଥିଲା ଯେଉଁଥିରେ ମିରିୟମ୍ ହି ମ୍ୟାନ୍ ଚିଲ୍‌ଡ୍ରେନ୍‌ସ ଆଇ କେୟାର ସେଣ୍ଟର (ଏମ୍‌ଏଚ୍‌ସିଇସିସି), ଏଲ୍‌ଭିପିଇଆଇ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏମ୍‌ଏଚ୍‌ସିଇସିସି ପକ୍ଷରୁ ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାମାନ ଯଥା : ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ବିଭିନ୍ନ ବିଚାର ବିମର୍ଶ ବୈଠକ ମାନ ଆୟୋଜିତ ହୋଇଥିଲା। ସପ୍ତାହବ୍ୟାପୀ ଏହି ଉତ୍ସବରେ ବିଭିନ୍ନ ସ୍କୁଲ ଏବଂ ଅନାଥାଶ୍ରମ ଅଂଶଗ୍ରହଣ କରିଥିଲେ। ଏହି ସପ୍ତାହ ମଧ୍ୟରେ ଚକ୍ଷୁରୋଗ ବିଶେଷଜ୍ଞ / ପରାମର୍ଶଦାତା ଏବଂ ଅଭିଭାବକମାନଙ୍କ ମଧ୍ୟରେ ଚକ୍ଷୁରୋଗ ଏବଂ ଏହାର ନିରାକରଣ ସମ୍ବନ୍ଧୀୟ ଏକ ବିଚାର ବିମର୍ଶ ବୈଠକ ଆୟୋଜିତ ହୋଇଥିଲା। ଏହାକୁ ସଫଳ କରିବାକୁ ଯାଇ ଶିଶୁଦିବସ ଦିନ ନିକଟତମ ଏକ ଅନାଥାଶ୍ରମର ୪୦ରୁ ଅଧିକ ପିଲାମାନଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସମୁଦାୟ ଅପହଂଚ ଅଂଚଳରେ ଚକ୍ଷୁସେବା ଯୋଗାଇଦେବା ଏଲ୍‌ଭିପିଇଆଇର ମୁଖ୍ୟ ଲକ୍ଷ୍ୟ। ମିରିୟମ୍ ହି ମ୍ୟାନ୍ ଚିଲ୍‌ଡ୍ରେନ୍‌ସ ଆଇ କେୟାର ସେଣ୍ଟର (ଏମ୍‌ଏଚ୍‌ସିଇସିସି), ଏଲ୍‌ଭିପିଇଆଇ ଭୁବନେଶ୍ୱରର ଅଂଶଭାବେ ପିଲାମାନଙ୍କୁ ବିଶେଷ ଚିକିତ୍ସା ଯୋଗାଇ ଦେଇଆସୁଛି। ଏହା ସମସ୍ତ ଶିଶୁ ରୋଗ ସମସ୍ୟା ଏବଂ ତାହା ସହ ଜଟିଳ ସମସ୍ୟାଗୁଡିକର ସଫଳଭାବେ ଚିକିତ୍ସା ଯୋଗାଇ ଦେଇଆସୁଛି।

## ଓଇସି କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର: ଦରମା ଓ ଗ୍ରାଚ୍ୟୁଇଟି ପ୍ରଦାନ ଦାବିରେ ଆନ୍ଦୋଳନ ଚଳାଇଥିବା ଓଡ଼ିଶା ଇଞ୍ଜିନିୟରିଂ କଲେଜ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ସ୍ୱଳ୍ପ ଦିନ ପାଇଁ ଏହାକୁ ସ୍ଥଗିତ ରଖାଯାଇଛି। କିଛି ମାସର ଦରମା ଦିଆଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲ୍ଲୀପ ମହାନ୍ତିଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ଓଡ଼ିଶା ଇଞ୍ଜିନିୟରିଂ କଲେଜର କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଓଡ଼ିଶା ଇଞ୍ଜିନିୟରିଂ କଲେଜ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମାହୂତି ଦେବେ ବୋଲି କହିଥିଲେ। ତେବେ ୟୁନିୟନ ପକ୍ଷରୁ ନବୀନ ନିବାସ ନିକଟ ପଲାସପଲ୍ଲୀ ଛକଠାରେ ବିକ୍ଷୋଭ କରାଯିବା ସହ ସ୍ୱଳ୍ପ ଦିନ ପାଇଁ ଏହି ଆନ୍ଦୋଳନ ସ୍ଥଗିତ ରଖା ଯାଇଛି ବୋଲି ୟୁନିୟନର ସମ୍ପାଦକ ଅଙ୍ଗଦ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ଆନ୍ଦୋଳନକାରୀମାନେ ସୋମବାର ସକାଳୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଅଗ୍ରସର ହୋଇଥିବା ବେଳେ ପୁଲିସ ପକ୍ଷରୁ ଏହାକୁ ବାରଣ କରାଯାଇଥିଲା। ପରେ ୟୁନିୟନର ସଭାପତି ସୁରେଶ କୁମାର ରାଉତରାୟ ଓ ୧୧ଜଣ ସଭ୍ୟ ସଚିବାଳୟ ଯାଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲ୍ଲୀପ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ତେବେ କିଛି ମାସର ଦରମା ଦିଆଯିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ କୁହାଯିବା ସହ ଅନ୍ୟ ପଦକ୍ଷେପ ଦିଆଯିବ ବୋଲି ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ।

# ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଦକ୍ଷତା ସଂପ୍ରସାରଣ ପାଇଁ ଆଉ ୭୦୦ କୋଟି ନିବେଶ କରାଯିବ

ଭୁବନେଶ୍ୱର: ହୋମ୍ ଆପ୍ଲାଏନ୍‌ସେସ୍ କ୍ଷେତ୍ରରେ ଦେଶର ଅଗ୍ରଣୀ ସଂସ୍ଥା ଗୋଦରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଆସନ୍ତା ୨୦୨୨ ସୁଦ୍ଧା ଆଉ ୭୦୦ କୋଟି ଟଙ୍କା ନିବେଶ କରାଯିବ। ଏହି ନିବେଶ ଜରିଆରେ କଂପାନି ଏହାର ବାର୍ଷିକ ଆପ୍ଲାଏନ୍‌ସେସ୍‌ଉତ୍ପାଦନ କ୍ଷମତାକୁ ୬୫ ଲକ୍ଷ ୟୁନିଟ୍‌କୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। କଂପାନି କେବଳ ଦକ୍ଷତା ବଢ଼ାଇବା ନୁହେଁ ବରଂ ନୂତନ ପ୍ରଯୁକ୍ତି ସାମିଲ କରିବା ଉପରେ ଗୁରୁତ୍ୱ ଦେବ। ଏହି ନୂତନ ପୁଞ୍ଜିନିବେଶ ଘୋଷଣା ସହିତ ପ୍ରଯୁକ୍ତି ଓ ଦକ୍ଷତା ସଂପ୍ରସାରଣରେ ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ର ମୋଟ ନିବେଶ ପରିମାଣ ବିଗତ ୬ ବର୍ଷ ଭିତରେ ୧୧୦୦ କୋଟି ଟଙ୍କାରେ ପହଂଚିଛି। ଓ୍ୱାସିଂ ମେସିନ ପ୍ରତି ଗ୍ରାହକଙ୍କ ଜବରଦସ୍ତ ସମର୍ଥନକୁ ଦୃଷ୍ଟିରେ ରଖି କଂପାନି ପକ୍ଷରୁ ଏହା ଉଭୟ ସମ୍ପୂର୍ଣ୍ଣ ସ୍ୱୟଂ ଚାଳିତ ଓ ଟପ୍ ଲୋଡିଂ ଓ୍ୱାସିଂ ମେସିନ, ସେମି-ଅଟୋମେଟିକ୍ ଓ୍ୱାସିଂ ମେସିନ୍ କ୍ଷମତାକୁ ଏହାର ସିରଓ୍ୱାଲ ଓ ମୋହାଲି କାରଖାନାରେ ଦ୍ୱିଗୁଣିତ କରାଯିବ। କଂପାନି ତରଫରୁ ୪ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ସମ୍ପୂର୍ଣ୍ଣ ସ୍ୱୟଂ ଚାଳିତ ଫ୍ରଂଟ୍ ଲୋଡିଂ ଓ୍ୱାସିଂଙ୍ଗ ମେସିନ୍ କ୍ଷମତାକୁ ଯୋଗ କରାଯିବ। ରେଫ୍ରିଜେରେଟର ବର୍ଗରେ କଂପାନି ଏହାର ଉଭୟ ପ୍ରିମିୟମ୍ ଓ ମାସ ବର୍ଗରେ ୩୩% ବୃଦ୍ଧି ଆଣିବାକୁ ଲକ୍ଷ୍ୟ ରଖିଛି। ଏହା ଜରିଆରେ ଚେଷ୍ଟ୍ ଫ୍ରିଜର୍ ଓ କମ୍ପ୍ରେସର କ୍ଷମତାକୁ ୩୦ ଲକ୍ଷ ୟୁନିଟ୍‌କୁ ବୃଦ୍ଧି କରାଯିବ। ଏହି ନିବେଶର କିଛି ଅଂଶକୁ ସିରଓ୍ୱାଲ୍‌ରେ ଥିବା ଏସି କାରଖାନାରେ ମଧ୍ୟ ବିନିଯୋଗ କରାଯିବ। ଏ ସଂକ୍ରାନ୍ତରେ ଶ୍ରୀଯୁକ୍ତ କମଳ ନନ୍ଦୀ, ବ୍ୟବସାୟ ମୁଖ୍ୟ ଓ ଇଭିପି, ଗୋଦରେଜ୍ ଆପ୍ଲାଏନ୍‌ସେସ୍ କହିଛନ୍ତି ଯେ, “ଆମେ ସବୁବେଳେ ନୂତନତ୍ୱ ଓ ଗ୍ରାହକଙ୍କୁ ଖୁସି କରିବାରେ ଆଗରେ ରହିଛୁ। ଶିଳ୍ପରେ କିଛିଟା ମନ୍ଥର ସ୍ଥିତି ରହିବା ସତ୍ତ୍ୱେ ଆମେ ଅତୀତରେ ଭଲ ଅଭିବୃଦ୍ଧି ପ୍ରଦର୍ଶନ କରିଛୁ ଏବଂ ଆମେ ଏହାକୁ ଜାରି ରଖିବାକୁ ଉଦ୍ୟମ କରିବୁ। ଏହି ନିବେଶ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ଦକ୍ଷତାକୁ ବଢ଼ାଇବ ଏବଂ ଅତୁଳନୀୟ ଉତ୍ପାଦ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ଏବଂ ମେକ୍ ଇନ୍ ଇଣ୍ଡିଆ ପ୍ରତି ଆମକୁ ଜଡ଼ିତ କରିବ। ଏହି ସଂପ୍ରସାରଣ ଜରିଆରେ ଆମେ ଗୋଦ୍‌ରେଜ୍ ବ୍ରାଣ୍ଡ୍‌କୁ ଆମର ମାନୁଫାକ୍‌ଚରିଂ ବିଶେଷତାକୁ ବ୍ୟବହାର କରି ନୂତନଶିଖରେ ପହଂଚାଇବାକୁ ଚାହୁଁଛୁ। ଏହି ପ୍ରସ୍ତାବିତ ସଂପ୍ରସାରଣ ଥରେ ଶେଷ ହୋଇଯିବା ପରେ ଆମକୁ ଭାରତୀୟ ଗ୍ରାହକଙ୍କ ପ୍ରିମିୟମ୍ ଉତ୍ପାଦ ଚାହିଦାକୁ ଠିକ୍ ଭାବେ ପୂରଣ କରିବାରେ ସହାୟକ ହୋଇପାରିବ।” ସବୁଜ ଉତ୍ପାଦନ ଉପରେ ଗୋଦରେଜ୍ ସର୍ବଦା ଗୁରୁତ୍ୱାରୋପ କରୁଛି। ଏହା କଂପାନିର ଲାଭ ପରିମାଣ ବଢ଼ାଉଥିବା ବେଳେ ବ୍ରାଣ୍ଡ୍ ଦକ୍ଷତାରେ ମଧ୍ୟ ଉନ୍ନତି ଆଣୁଛି। ସିଆଇଆଇ ଗ୍ରିନ୍ ବିଜନେସ୍ କାଉନ୍‌ସିଲ୍ ପକ୍ଷରୁ ଆମର ଉଭୟ ସିରଓ୍ୱାଲ୍ ଓ ମୋହାଲି କାରଖାନାକୁ ପ୍ଲାଟିନମ୍ ଗ୍ରିନ୍ କୋ ରେଟିଂ ପ୍ରଦାନ କରାଯାଇଛି। ଇଣ୍ଡିଆନ୍ ଗ୍ରିନ୍ ବିଲଡିଂ କାଉନ୍‌ସିଲ୍ ପକ୍ଷରୁ ଗୋଦରେଜ୍ ମୋହାଲି କାରଖାନାକୁ ଗ୍ରିନ୍ ଫ୍ୟାକ୍ଟ୍ରି ପ୍ଲାଟିନମ୍ ସାର୍ଟିଫିକେସନ ମିଳିଛି। ପରିଚାଳନା ଦକ୍ଷତାରେ ଉନ୍ନତି ଆଣିବା ଲାଗି ଉଭୟ କଂପାନି ଟିପିଏମ୍ କାର୍ଯ୍ୟକାରୀ କରିଛନ୍ତି।

# ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ଗ୍ୟାଲାକ୍ସି ସ୍ମାର୍ଟଫୋନ୍ ରେ ଉପରେ ଆକର୍ଷଣୀୟ ଅଫର୍

ଭୁବନେଶ୍ୱର: ସାମ୍‌ସଙ୍ଗ ଭାରତରେ ଏହାର ଗ୍ୟାଲାକ୍ସି ସ୍ମାର୍ଟଫୋନ୍ ରେର ୧୦ ବର୍ଷ ପୂର୍ତ୍ତି ପାଳନ କରିବା ଅବସରରେ ଏହାର ଲୋକପ୍ରିୟ ସ୍ମାର୍ଟଫୋନ୍‌ଗୁଡିକ ଉପରେ ଏକାଧିକ ଆକର୍ଷଣୀୟ ଅଫର୍ ଘୋଷଣା କରିଛି। ଗ୍ୟାଲାକ୍ସି ବ୍ରାଣ୍ଡ ପ୍ରିମିୟମ ଇନୋଭେସନ୍‌କୁ ସମର୍ଥନ କରିବା ସହ ଗ୍ରାହକଙ୍କୁ ଅତୁଳନୀୟ ଅଭିଜ୍ଞତା ପ୍ରଦାନ କରୁଛି। ଯେହେତୁ ଗ୍ୟାଲାକ୍ସି ସ୍ମାର୍ଟଫୋନ୍‌କୁ ଭାରତରେ ୧୦ ବର୍ଷ ପୂରଣ ହୋଇଛି, ତେଣୁ ସାମ୍‌ସଙ୍ଗ ଗ୍ରାହକଙ୍କୁ ଭାରତରେ ଏହି ବ୍ରାଣ୍ଡକୁ ଦେଇଥିବା ଚିରସ୍ଥାୟୀ ଭଲପାଇବା ପାଇଁ ଧନ୍ୟବାଦ ଜଣାଇବା ଲାଗି ଆକର୍ଷଣୀୟ ଅଫର୍, ଉପହାର ଓ କ୍ୟାସ୍‌ବ୍ୟାକ୍ ଆଦି ଘୋଷଣା କରିଛି। ଗ୍ୟାଲାକ୍ସି ଡିଭାଇସ୍‌ଗୁଡିକ ଉପରେ ଏହି ସମସ୍ତ ଅଫର୍ ନଭେମ୍ବର ୨୩ରୁ ଡିସେମ୍ବର ୩୧, ୨୦୧୯ ପର୍ଯ୍ୟ ଜାରି ରହିବ। ଏହି ଅଫର୍ ପିରିୟଡ୍ ସମୟରେ ଗ୍ରାହକମାନେ ସାମ୍‌ସଙ୍ଗ ଗ୍ୟାଲାକ୍ସି ଏ୩୦ଏସ୍‌କୁ ୧୫,୯୯୯ ଟଙ୍କାରେ, ଗ୍ୟାଲାକ୍ସି ଏ୫୦ଏସ୍ (୪ଜିବି) ସଂସ୍କରଣକୁ ୧୯,୯୯୯ ଟଙ୍କାରେ, ଗ୍ୟାଲାକ୍ସି ଏ୫୦ଏସ୍ (୬ଜିବି) ସଂସ୍କରଣକୁ ୨୧,୯୯୯ ଟଙ୍କାରେ କିଣିପାରିବେ। ଗ୍ୟାଲାକ୍ସି ଏ୫୦ଏସ୍ ଓ ଏ୩୦ଏସ୍ ଯୁବ ଗ୍ରାହକଙ୍କ ପାଇଁ ପ୍ରିମିୟମ ଡିଜାଇନ୍‌ରେ ମାର୍କେଟ୍‌କୁ ଆସିଛି; ଯିଏ ନିଜ ଅନୁଭବ ଓ ଅଭିଜ୍ଞତାକୁ ତୁର’ କ୍ୟାପ୍‌ଚର କରିବା ସହ ସେୟାର କରିବାକୁ ଚାହାନ୍ତି। ନାଇଟ୍ ମୋଡ୍, ସୁପର ଷ୍ଟେଡି ଭିଡିଓ, ସାମ୍‌ସଙ୍ଗ ପେ’ ଓ ଗେମ୍ ବୁଷ୍ଟର ପ୍ରଯୁକ୍ତି ସହ ଏକ ଶକ୍ତିଶାଳୀ ପ୍ରୋସେସର ଭଳି ଫ୍ଲାଗସିପ୍ ଫିଚରଗୁଡିକ ସହ ଏହି ଦୁଇ ନୂତନ ସ୍ମାର୍ଟଫୋନ୍ ଏକ ସୁପରିୟର ପରଫର୍ମାନ୍ସ ଡେଲିଭର କରୁଛନ୍ତି। ଗ୍ୟାଲାକ୍ସି ଏ୭୦ଏସ୍ କିଣୁଥିବା ଗ୍ରାହକମାନେ ଏହା ସହ ମାଗଣାରେ ୧୯୯୯ ଟଙ୍କା ମୂଲ୍ୟର ଏକ ବ୍ଲୁଟୁଥ୍ ହେଡ୍‌ଫୋନ୍ ପାଇପାରିବେ। ଗ୍ୟାଲାକ୍ସି ଏ୭୦ଏସ୍‌ରେ ଏକାଧିକ ନୂତନ ଫିଚର ରହିଛି ଯେଉଁଥିରେ ୬୪ ମେଗାପିକ୍ସେଲ କ୍ୟାମେରା ସହ ସେକ୍-ଫ୍ରି ଆକ୍ସନ ଭିଡିଓ ପାଇଁ ସୁପର ଷ୍ଟିଡି ମୋଡ୍ ଏବଂ ଖୁବ୍ କମ୍ ଆଲୋକରେ ଉନ୍ନତମାନର ଫଟୋ ଉଠାଇବା ପାଇଁ ନାଇଟ୍ ମୋଡ୍ ସୁବିଧା ରହିଛି। ଏଥିସହିତ ଏହି ସ୍ମାର୍ଟଫୋନ୍‌ରେ ଏଆଇ ଆଧାରିତ ଗେମ୍ ବୁଷ୍ଟର, ୪୫୦୦ ଏମ୍‌ଏଏଚ୍ ବ୍ୟାଟେରୀ, ୨୫ ଡବ୍ଲ୍ୟୁ ସୁପର୍-ଫାଷ୍ଟ ଚାର୍ଜିଙ୍ଗ୍ ଓ ସାମ୍‌ସଙ୍ଗ ପେ’ ଭଳି ଫିଚର ରହିଛି ଯାହାକି ଯୁବ ଉପଭୋକ୍ତାଙ୍କ ସ୍ମାର୍ଟଫୋନ୍ ଅଭିଜ୍ଞତାକୁ ବୃଦ୍ଧି କରିବ।ଗ୍ୟାଲାକ୍ସି ଏସ୍୧୦ଇକୁ ଏକ କମ୍ବୋ ପ୍ୟାକେଜ୍‌ରେ ସାମ୍‌ସଙ୍ଗ ଫ୍ଲାଗସିପ୍ ସ୍ମାର୍ଟଫୋନ୍ ବର୍ତ୍ତମାନ ୮୦୦୦ ଟଙ୍କାର ଏକ ଇନ୍‌ଷ୍ଟାଂଟ୍ କ୍ୟାସ୍‌ବ୍ୟାକ୍ ସହ ଏଚ୍‌ଡିଏଫ୍‌ସି କ୍ରେଡିଟ୍ ଓ ଡେବିଟ୍ କାର୍ଡଧାରକଙ୍କ ପାଇଁ ୬୦୦୦ ଟଙ୍କାର କ୍ୟାସ୍‌ବ୍ୟାକ୍ ଦେଉଛି ଏବଂ ଏହା ୧୪,୦୦୦ ଟଙ୍କାର ଲାଭ ପ୍ରଦାନ କରୁଛି। ଗ୍ୟାଲାକ୍ସି ଏସ୍୧୦/ଏସ୍୧୦+ ଗ୍ରାହକମାନେ ମଧ ୫୦୦୦ କିମ୍ବା ୪୦୦୦ ଟଙ୍କାର ଇନ୍‌ଷ୍ଟାଂଟ୍ କ୍ୟାସ୍ ବ୍ୟାକ୍ ପାଇପାରିବେ; ଏଥିସହିତ ଏଚ୍‌ଡିଏଫ୍‌ସି ଉପଭୋକ୍ତାମାନେ ୬୦୦୦ ଟଙ୍କାର କ୍ୟାସ୍‌ବ୍ୟାକ୍ ପାଇପାରିବେ।

# ନୂତନ ଭିଭୋ ୟୁ-୨୦ ପ୍ରଭାବଶାଳୀ ପ୍ରଦର୍ଶନ ପ୍ରତିଶ୍ରୁତି ନେଇ ବଜାରରେ ଉପଲବ୍ଧ

ଭୁବନେଶ୍ୱର : ୨୮ ନଭେମ୍ବର ୨୦୧୯ ରେ ମଧ୍ୟାହ୍ନ ୧୨.୦୦ଠାରୁ ଆମାଜନ.ଇନ ଏବଂ ଭିଭୋ ଇଣ୍ଡିଆ ଇ-ଷ୍ଟୋର ରେ ଉପଲବ୍ଧ ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ଏହାର ୟୁ-ସିରଜରେ ନୂତନ ୟୁ-୨୦ର ଶୁଭାରମ୍ଭ ଘୋଷଣା କରିଛନ୍ତି। ନୂତନ ପିଢି ପାଇଁ କମ୍ପାନୀ ପକ୍ଷରୁ ୟୁ-୧୦ର ସଫଳତା ପରେ ଦ୍ୱିତୀୟ ସ୍ମାର୍ଟଫୋନ ଭାବରେ ୟୁ-୨୦ର ଡିଜାଇନ କରିଛନ୍ତି। ଏହି ନୂତନ ସ୍ମାର୍ଟଫୋନ ରେ କ୍ୱାଲକମ ସ୍ନାପଡ୍ରାଗନ ୬୭୫ ଯାହା ୪ର୍ଥ ଜେନେରେସନ କ୍ରିୟୋ ସିପିୟୁ ଏବଂ ଷଷ୍ଠ ଜେନେରେସନ ଆଡ୍ରେନୋ ଦ୍ୱାରା ସୁସଜ୍ଜିତ। ଏଥିରେ ୫୦୦୦ ଏମଏଏଚ୍ ବ୍ୟାଟେରୀ ବ୍ୟବହାର ହୋଇଛି ଯାହା ୧୮ଡବ୍ଲୁ ଫାଷ୍ଟ ଚାର୍ଜର ସହ ଉପଲବ୍ଧ। ଏହି ହ୍ୟାଣ୍ଡସେଟ ଦୁଇଟି ସଂସ୍କରଣ ୪ଜିବି+୬୪ଜିବି ଏବଂ ୬ଜିବି+୬୪ଜିବି (ଉଭୟ ରେ ଷ୍ଟୋରେଜ ସମ୍ପ୍ରସାରଣ କରିହେବ) ଦୁଇଟି ଆକର୍ଷଣୀୟ ରଙ୍ଗ ରେସିଂ ବ୍ଲାକ ଏବଂ ବ୍ଲଜ ବ୍ଲୁ ପାଇସଡ ୧୦୯୯୦ଟଙ୍କା ଏବଂ ୧୧୯୯୦ ଟଙ୍କା ରେ ଉପଲବ୍ଧ। ଏହି ହ୍ୟାଣ୍ଡସେଟ ଭାରତ ବଜାରରେ ନଭେମ୍ବର ୨୮ ତାରିଖ ମଧ୍ୟାହ୍ନ ୧୨ ଟା ଠାରୁ ଆମାଜନ.ଇନ ଏବଂ ଭିଭୋ ଇଣ୍ଡିଆ ଇ-ଷ୍ଟୋର ରେ ମିଳିପାରିବ। ଗ୍ରାହକମାନେ ଭିଭୋ ୟୁ-୨୦କ୍ରୟ ଉପରେ ଅନେକ ଆକର୍ଷଣୀୟ ଅଫର ପାଇ ପାରିବେ। ତନ୍ମଧ୍ୟରେ ପ୍ରିପେଡ ଅର୍ଡର ଉପରେ ୧୦୦୦ଟଙ୍କା ଛାଡ, ଛଅ ମାସ ପାଇଁ ନୋ କଷ୍ଟ ଇଏମ୍‌ଆଇ ଏବଂ ୬୦୦୦ ଟଙ୍କା ପର୍ଯ୍ୟନ୍ତ ଜିଓ ଲାଭ ଅନ୍ୟତମ। ଅନ୍ୟାନ୍ୟ ଭିଭୋ ହ୍ୟାଣ୍ଡସେଟ ଭଳି ୟୁ-୨୦ମଧ୍ୟ ମେକ ଇନ ଇଣ୍ଡିଆ ପ୍ରତି ପ୍ରତିଶ୍ରୁତିବଦ୍ଧ। ଏହା ନଏଡା ସ୍ଥିତ କାରଖାନାରେ ନିର୍ମାଣ କରାଯାଉଛି। ଏହି ହ୍ୟାଣ୍ଡସେଟ ର ଶୁଭାରମ୍ଭ ସମ୍ବନ୍ଧରେ ସୁଚନା ଦେଇ ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଛନ୍ତି, ‘ଭିଭୋ ୟୁ-୧୦ପ୍ରତି ଆଗ୍ରହ ଦେଖି ଆମେ ୟୁ-୨୦ ଆଣିବାକୁ ଚିନ୍ତକା କରିଥିଲୁ। ଏହି ଶକ୍ତିଶାଳୀ ଫୋନ ୧୨,୦୦୦ ରୁ କମରେ ଉପଲବ୍ଧ ଏବଂ ଏହା ଭାରତୀୟଙ୍କ ପାଇଁ ଖୁବ ଉପଯୋଗୀ ହୋଇପାରିବ।’ ଆମାଜନ ଇଣ୍ଡିଆ ର ନିଶାନ୍ତ ସାର୍ଦ୍ଦନା କହିଛନ୍ତି, ‘ଭିଭୋ ୟୁ-୧୦ର ସଫଳତା ପରେ ଆମେ ନୂତନ ୟୁ-୨୦କୁ ନେଇ ଖୁବ ଆଶାବାଦୀ।

# ୫-ଟି ଯୋଗୁଁ କୋରାପୁଟରେ ସ୍ୱାସ୍ଥ୍ୟସେବା ସୁଧୁରିଛି

ଭୁବନେଶ୍ୱର: ରାଜ୍ୟରେ ୫- ଟି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ପରେ କୋରାପୁଟରେ ସ୍ୱାସ୍ଥ୍ୟସେବା ସୁଧୁରିଛି। ୫-ଟି ସଚିବ ଡାକ୍ତରଖାନା ବୁଲି ରୋଗୀଙ୍କ ମତ ନେବା ଦ୍ୱାରା ଏହା ହୋଇପାରିଛି। ଏହା ଦ୍ୱାରା ସାଧାରଣ ଲୋକେ ଉପକୃତ ହେଉଛନ୍ତି ବୋଲି କହି ବିଧାନସଭା ଅଧିବେଶନରେ ସରକାରଙ୍କ ୫ଟି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଧନ୍ୟବାଦ ଜଣାଇଛନ୍ତି। ୫- ଟି ଟିମ୍ ସାରା ରାଜ୍ୟର ଡାକ୍ତରଖାନା ବୁଲି ସ୍ୱାସ୍ଥ୍ୟସେବା ସମ୍ପର୍କିତ ମତ ନେବା ଦ୍ୱାରା ସାଧାରଣ ଲୋକେ ଉପକୃତ ହେଉଛନ୍ତି ବୋଲି ତାରା ପ୍ରସାଦ ବାହିନୀପତି କହିଛନ୍ତି।

# ହୋମ୍‌ଟାଉନ୍ ପକ୍ଷରୁ ଆକର୍ଷଣୀୟ ଇୟର ଏଣ୍ଡ୍ ସେଲ୍

ଭୁବନେଶ୍ୱର: ଭାରତର ଲୋକପ୍ରିୟ ହୋମ୍‌ଷ୍ଟୋର, ହୋମ୍‌ଟାଉନ୍‌ର ଲୋକପ୍ରିୟ ‘ଇୟର ଏଣ୍ଡ୍ ସେଲ୍’ ପୁଣିଥରେ ଭୁବନେଶ୍ୱର, ସତ୍ୟନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସାମ୍ନାରେ ଥିବା ଏହାର ଷ୍ଟୋର୍‌କୁ ବଡ ଧମାକା ସହ ଫେରିଆସିଛି। ଏହି ହୋମ୍ ଟାଉନ୍ ଷ୍ଟୋର୍ ଭାରତରେ କମ୍ପାନୀର ସର୍ବବୃହତ୍ ଷ୍ଟୋର୍ ମଧ୍ୟରୁ ଅନ୍ୟତମ; ଏହି ଷ୍ଟୋର୍‌ଟି ୩୫,୦୦୦ ବର୍ଗଫୁଟ୍ ପରିମିତ ଅଂଚଳରେ ବ୍ୟାପି ରହିଥିବାବେଳେ ଏଠାରେ ଆଧୁନିକ ଆସବାବପତ୍ର, ହୋମଓୟାର, ଇଲେକ୍‌ଟ୍ରୋନିକ୍ସ, ମଡ୍ୟୁଲାର କିଚେନ୍ ଓ ମଡ୍ୟୁଲାର ଓ୍ୱାରଡ୍ରବସ ଆଦିରେ ଟ୍ରେଣ୍ଡି ଡିଜାଇନ୍‌ର ବ୍ୟାପକ ସଂଗ୍ରହ ଗୋଟିଏ ଛାତ ତଳେ ମହଜୁଦ୍ ରହିଛି। ଏହି ଷ୍ଟୋର ଆହୁରି ମଧ୍ୟ ସ୍ୱତନ୍ତ୍ର ଏଣ୍ଡ-ଟୁ-ଏଣ୍ଡ ଇଂଟେରିୟର ଡିଜାଇନ୍, ପ୍ରୋଜେକ୍ଟ ଏକ୍‌ଜିକ୍ୟୁସନ୍ ସର୍ଭିସ୍ ଡିଜାଇନ୍ ଓ ବିଲ୍ଡ ଆଦିର ସୁବିଧା ପ୍ରଦାନ କରୁଛି। ଯାହାଫଳରେ ଗ୍ରାହକମାନେ ନିଜ ଘର ଡିଜାଇନ୍ କରିବା ପାଇଁ ଏହାର ଲାଭ ଉଠାଇପାରିବେ।ଆସବାବପତ୍ର କଲେକ୍ସନରେ ଅତୁଳନୀୟ ଅଫର୍ ସହ ଏହି ହୋମ୍‌ଟାଉନ୍ ଷ୍ଟୋର୍‌ରେ ପାରମ୍ପରିକଠାରୁ ଆରମ୍ଭ କରି ଆଧୁନିକ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ଡିଜାଇନ୍‌କୁ ସୁଟ୍ କରୁଥିବା ଲିଭିଙ୍ଗ୍ ରୁମ୍, ଡାଇନିଂ ରୁମ୍, ବେଡ୍‌ରୁମ୍ ଫର୍ଣ୍ଣିଚରର ବ୍ୟାପକ ତଥା ବହୁମୁଖୀ ରେ ଉପଲବ୍ଧ ରହିଛି। ଏହି ଷ୍ଟୋର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ମଧ ଫର୍ଣ୍ଣିଚର୍‌ର ଏକ ବ୍ୟାପକ କଲେକ୍ସନ ଉପଲବ୍ଧ କରୁଛି। କମ୍ ଅର୍ଥ ପଇଠ କରନ୍ତୁ ଏବଂ ହୋମ୍‌ଟାଉନ୍‌ର ଅତୁଳନୀୟ ହୋମ୍‌ୱେୟାର କଲେକ୍ସନରେ ଅଧିକ କିଛି ପାଆନ୍ତୁ, ଯାହାକି ଆ’ର୍ଜାତୀୟ ଟ୍ରେଣ୍ଡର ଆଧୁନିକ ଡେକର୍, ଫର୍ଣ୍ଣସିଙ୍ଗ୍, ଟେବୁଲଓୟାର, ଗ୍ଲାସ୍‌ଓୟାର, କୁକ୍‌ଓୟାର ଓ କିଚେନ୍ ଏସେନ୍‌ସିଆଲ୍ସ ପ୍ରଦାନ କରୁଛି। ଡେକୋର୍ ଓ ହୋମ୍ ଫ୍ୟାସନ୍‌ରେ ୫୦୦୦ରୁ ଅଧିକ ଡିଜାଇନ୍ ସହ ଏହି ଷ୍ଟୋର ଘରର ପ୍ରତ୍ୟେକଟି କୋଣ ଅନୁକୋଣ ପାଇଁ କିଛି ସ୍ୱତନ୍ତ୍ର ସାମଗ୍ରୀ ଉପଲବ୍ଧ ରଖିଛି। ଏଥିସହିତ ହୋମ୍‌ଟାଉନ୍‌ର ମଡ୍ୟୁଲାର୍ ସର୍ଭିସ୍ କିଚେନ୍ ଓ ଓ୍ୱାରଡ୍ରବସ ପାଇଁ କଷ୍ଟମାଇଜ୍‌ଡ ମଡ୍ୟୁଲାର ସଲ୍ୟୁସନ୍ସ ପ୍ରଦାନ କରୁଛି, ଯେଉଁଠାରେ ଗ୍ରାହକମାନେ ଇନ୍-ହାଉସ୍ ଡିଜାଇନର୍‌ଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ୧୦୦୦ରୁ ଅଧିକ ଷ୍ଟାଇଲ୍ ଓ ଡିଜାଇନ୍‌ରୁ ଚୟନ କରିପାରିବେ। ହୋମ୍‌ଟାଉନ୍‌ର ମଡ୍ୟୁଲାର କିଚେନ୍‌ର ଇନ୍-ହାଉସ୍ ବ୍ରାଣ୍ଡ୍ ଓ ଡ୍ୟୁରାକ୍ୟୁସିନ୍ ଆଦିରେ ୫ ବର୍ଷର ସର୍ବନିମ୍ନ ଓ୍ୱାରେଂଟି ସହ ମାଗଣା ସର୍ଭିସ୍ କ୍ୟାମ୍ପ ସୁବିଧା ପ୍ରଦାନ କରୁଛି। ହୋମ୍‌ଟାଉନ୍ ଦେଶବ୍ୟାପୀ ବର୍ତ୍ତମାନସୁଦ୍ଧା ସଫଳତାର ସହ ୫୦,୦୦୦ରୁ ଅଧିକ କିଚେନ୍ ଡିଜାଇନ୍ କରିଛି। ଏହି ବ୍ରାଣ୍ଡ ଡିଜାଇନ୍ ଓ ବିଲ୍ଡ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସେବା ମଧ ପ୍ରଦାନ କରୁଛି ଯେଉଁଥିରେ ଘରଗୁଡିକ ପାଇଁ ଏଣ୍ଡ-ଟୁ-ଏଣ୍ଡ କଷ୍ଟମାଇଜ୍‌ଡ ଇଂଟେରିୟର ଡିଜାଇନ୍ ଓ ଏକ୍‌ଜିକ୍ୟୁସନ୍ ସଲ୍ୟୁସନ୍ସ ଆଦି ସାମିଲ ରହିଛି। ଗ୍ରାହକମାନେ ହୋମ୍‌ଟାଉନ୍‌ର ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ପରିଚାଳନା ଟିମ୍ ସହ ଇନ୍-ହାଉସ୍ ଇଂଟେରିୟର ଡିଜାଇନର୍‌ଙ୍କଠାରୁ ପର୍ସନାଲାଇଜ୍‌ଡ ଡିଜାଇନ୍ ସଲ୍ୟୁସନ୍ ସୁବିଧା ପାଇପାରିବେ। ଫ୍ୟୁଚର ଗ୍ରୁପ୍‌ର ଏକ ଅଂଶଭାବେ ହୋମ୍‌ଟାଉନ୍‌ର ଭାରତରେ ୨୩ଟି ସହରରେ ୫୧ଟି ଷ୍ଟୋର୍ ରହିଛି ଏବଂ ଦେଶବ୍ୟାପୀ ୭୦ ଲକ୍ଷରୁ ଅଧିକ ଗ୍ରାହକ ଷ୍ଟୋର୍‌ର ଏହି ଆକର୍ଷଣୀୟ ଅଫର୍‌ର ଲାଭ ଉଠାଇପାରିବେ। ଏହି ବ୍ରାଣ୍ଡ ନିଜର ବେଷ୍ଟ ଇନ୍ କ୍ଲାସ୍ ଗ୍ରାହକ ଅଭିଜ୍ଞତା ଏବଂ ମାଗଣା ଡେଲିଭରି, ସେମ୍ ଡେ ଇନ୍‌ଷ୍ଟଲେସନ୍, ମାଗଣା ସର୍ଭିସ୍ କ୍ୟାମ୍ପ, ଫର୍ଣ୍ଣିଚରର ଜୀବନବ୍ୟାପୀ ରକ୍ଷଣାବେକ୍ଷଣ ଓ ଅନ୍ ଟାଇମ୍ ଡେଲିଭରି ଭଳି ବିକ୍ରି ପରବର୍ତ୍ତୀ ସେବା ପାଇଁ ଜଣାଶୁଣା।

## ରୋଗୀ କଲ୍ୟାଣ ସମିତି ଅସ୍ଥାୟୀ କର୍ମଚାରୀଙ୍କର ମୁଖ୍ୟମନ୍ତ୍ରୀଙ୍କୁ ଚିଠ

କୋରେଇ : ଜିଲ୍ଲାରେ ରୋଗୀ କଲ୍ୟାଣ ସମିତି ଜରିଆରେ ଅସ୍ଥାୟୀ ଭାବେ କାର୍ଯ୍ୟରତ କର୍ମଚାରୀ ମାନେ ସେମାନଙ୍କ ପୁନଃ ସ୍ଥାୟୀ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ୨୦୧୧ ମସିହାରୁ ରୋଗୀ କଲ୍ୟାଣ ସମିତି ଜରିଆରେ ନିଯୁକ୍ତି ପାଇଁ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କୁ ୨୦୧୮ ଅଗଷ୍ଟ ୧୫ ତାରିଖରୁ ଛଟେଇ କରାଯାଇଛି। ପୂର୍ବରୁ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରୁ ଆଦାୟ ୟୁଜର୍ସ ଫିରୁ ସେମାନଙ୍କୁ ଦରମା ଦିଆଯାଉଥିଲା। ମାତ୍ର ୟୁର୍ଜସ ଫି ବନ୍ଦ ହୋଇଯିବାଯୋଗୁ ସେମାନଙ୍କୁ ଦରମା ମିଳିନାହିଁ।

# ଜିଲେଟ୍‌ର ଭିନ୍ନ ଏକ ଅଭିଯାନ ମ୍ୟାନ ଏନଫ

ଭୁବନେଶ୍ୱର: ଶହେ ବର୍ଷରୁ ଅଧିକ ବର୍ଷ ଧରି, ଜିଲେଟ୍ ପୁରୁଷଙ୍କୁ ସୁନ୍ଦର ଦେଖାଯିବା, ଅନୁଭବ କରିବା ଓ ସେମାନଙ୍କର ସର୍ବୋତ୍ତମତା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଯାତ୍ରାରେ ବ୍ରାଣ୍ଡ ଲଗାତାର ଭାବେ ପୁରୁଷମାନଙ୍କ ବିଷୟରେ ଥିବା ଧାରଣାଗୁଡ଼ିକୁ ବାର୍ବର ସପ ଗାର୍ଲସ ଅଭିଯାନ ମାଧ୍ୟମରେ ଆହ୍ୱାନ ପ୍ରଦାନ କରିଛି। ସେଭିଂ ଷ୍ଟେରିଓ ଟାଇପ୍ସ ଉପରେ ଆଧାରିତ ଜିଲେଟ୍‌ର ଏହି ଅତ୍ୟାଧୁନିକ ଅଭିଯାନରେ ପୁରୁଷମାନେ କାହିଁକି ସେମାନଙ୍କ ଅଶ୍ରୁ ଦେଖାଉନାହାଁ ବୋଲି ପ୍ରଶ୍ନ ଉଠାଇବା ସହିତ ସେମାନଙ୍କ ଦୁର୍ବଳତା, ଭାବ ପ୍ରବଣତା ଦେଖାଇବାକୁ ଓ ନ କାନ୍ଦିବାକୁ ଶିକ୍ଷା ଦିଆଯାଇଛି। ଉକ୍ତ ଭିଡ଼ିଓରେ ଲେଫ୍ଟେନାଣ୍ଟ କର୍ଣ୍ଣେଲ, ମନୋଜ୍ କୁମାର ସିହ୍ନା, ବରିଷ୍ଠ ପରିଚାଳକ (ଆବସରପ୍ରାପ୍ତ)ଙ୍କର ଏକ ହୃଦୟସ୍ପର୍ଶୀ କାହାଣୀ ବର୍ଣ୍ଣନା କରାଯାଇଛି। ଏହା ମାଧ୍ୟମରେ ଜିଲେଟ ଏହାର ସେଭିଂ ଷ୍ଟେରିଓ ଟାଇପ୍ସର ଦ୍ୱିତୀୟ ସଂସ୍କରଣ ମାଧ୍ୟମରେ କହିଛିଯେ ପୁରୁଷମାନେ କାନ୍ଦିବା ଦରକାର। ପୁରୁଷମାନଙ୍କର ଏକ ଅଗ୍ରଣୀ ବ୍ରାଣ୍ଡ ଭାବରେ ଜିଲେଟ୍ ପୁରୁଷମାନଙ୍କୁ ପଥ ପ୍ରଦର୍ଶନ କରିବାକୁ ଚାହୁଁଛି, ଯେଉଁଥିରେ ସେମାନେ ସେମାନଙ୍କ ପୁରୁଷସୁଲଭ ମନୋଭାବ ଓ ଦୃଢ଼ତାକୁ ପୁନଃସ୍ମରଣ କରିପାରିବେ। ଏହି ଅଭିଯାନ ସମ୍ପର୍କରେ ଗ୍ରେ ଗ୍ରୁପ୍ ପକ୍ଷରୁ ଏହାର ଚିଫ କ୍ରିଏଟିଭ ଅଫିସର, ସନ୍ଦିପନ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ‘ପୁରୁଷଙ୍କ ପାଇଁ ବିଚାର କରିବା ଓ ଏକ ଅଗ୍ରଣୀ ପୁରୁଷ ବ୍ରାଣ୍ଡ ଭାବରେ ଜିଲେଟ୍ ଏପରି ବାର୍ତ୍ତା ବହନ କରିବାକୁ ବିଶ୍ୱାସ ରଖିଥାଏ, ଯାହା ଭବିଷ୍ୟତର ପୁରୁଷ ପିଢ଼ିଙ୍କୁ ଜାଗ୍ରତ କରିବା ସହିତ ଅନୁପ୍ରାଣିତ କରିଥାଏ। ମ୍ୟାନ ଏନଫ୍ ମାଧ୍ୟମରେ ପୁରୁଷମାନଙ୍କ କାନ୍ଦିବା ସେମାନଙ୍କୁ ଦୁର୍ବଳ କରିଥାଏ ଓ ଏହା ସେମାନଙ୍କ ଦୁର୍ବଳତାକୁ ପ୍ରଦର୍ଶନ କରିଥାଏ ଭଳି ମନୋଭାବକୁ ଭାଙ୍ଗିବାକୁ ଚାହୁଁଛୁ।’ଏହି ଅଭିଯାନ ସମ୍ପର୍କରେ କାର୍ତ୍ତିକ ଶ୍ରୀବାସ୍ତବ, କଣ୍ଟ୍ରି କାଟଗୋରୀ ଲିଡର୍, ଭାରତ, ପିଆଣ୍ଡଜି କହିଛନ୍ତି, ‘ଲେଫ୍ଟେନାଣ୍ଟ କର୍ଣ୍ଣେଲ, ଶ୍ରୀ ମନୋଜ୍ କୁମାର ସିହ୍ନା (ଅବସରପ୍ରାପ୍ତ) ଓ ତାଙ୍କର ପିତା ହେଉଛନ୍ତି ବାସ୍ତବରେ ସାହସୀ, ଏବଂ ଜିଲେଟ୍ ସେମାନଙ୍କ ଚେତନାକୁ ପ୍ରଶଂସା କରୁଛି ଏବଂ ଅତୀତରେ ସେମାନଙ୍କ ଯାତ୍ରାରେ ଏକ ଅଂଶ ହୋଇ ଗର୍ବ ଅନୁଭବ କରୁଛି। ଆମେ ପୁରୁଷମାନଙ୍କ ବାସ୍ତବିକ ଜୀବନର ସକରାତ୍ମକ କାହାଣୀଗୁଡ଼ିକୁ ଆଣିବାକୁ ଜାରି ରଖିବାକୁ ଓ ସଂସ୍କୃତିକୁ ପ୍ରଭାବିତ କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବା ନିମନ୍ତେ ଲକ୍ଷ ରଖିଛୁ।’

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray